୬ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହେଲେ ଋଷଭ ପନ୍ତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in

# ସମ୍ବାଦ କଳିକା

TM
E-mail : sambadkalikanews@gmail.com
The Sambad Kalika
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୧୦୪ ● ୧୨ ମଇ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-104 ● 12th May 2024, Sunday ● Bhubaneswar
Licensed to post without pre-payment of postage No- BN-60/22-24




## ୧୩ରେ ମତଦାନ, ବୁଥ୍ ମୁହାଁ ପୋଲିଂ କର୍ମଚାରୀ

ଭୁବନେଶ୍ୱର, ୧୧/୦୫
ନ୍ୟୁଜ ବ୍ୟୁରୋ

ଆସନ୍ତା ୧୩ ତାରିଖ ସୋମବାର ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସକାଳ ୭ଟାରେ ଭୋଟିଂ ଆରମ୍ଭ ହେବ। ଗଣତନ୍ତ୍ରର ମହାପର୍ବରେ ସାମିଲ ହେବେ ଓଡ଼ିଶାର ଭୋଟର। ଦେଶର ଚତୁର୍ଥ ତଥା ରାଜ୍ୟର ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ କ୍ଷେତ୍ରରେ ଭୋଟ୍ ହେବାକୁ ଥିବା ବେଳେ ଶନିବାର ସେଠାରେ ସରିଛି ନିର୍ବାଚନ ପ୍ରଚାର । ୪ ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ୨୮ ବିଧାନସଭା ଆସନରେ ମଧ୍ୟ ଭୋଟ୍ ହେବ। ସେଥିପାଇଁ ପୋଲିଂ ପାର୍ଟି ଇଭିଏମ୍, ଭିଭିପାଟ୍ ଓ ଆନୁସଙ୍ଗିକ ସରଞ୍ଜାମ ଧରି ବୁଥ୍ ମୁହାଁ



ହୋଇଛନ୍ତି। ଏଥିପାଇଁ ସବୁଠି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ନକ୍ସଲ ପ୍ରବଣ ମାଲକାନଗିରିର ସ୍ୱାଭିମାନ ଅଞ୍ଚଳରେ ୧୩ ତାରିଖରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି ସାଧାରଣ ନିର୍ବାଚନ। ଯନ୍ତ୍ରୀ ଓ ସନ୍ୟାସୀଗୁଡ଼ାରେ ହୋଇଛି ମତଦାନ କେନ୍ଦ୍ର। ଜିଲ୍ଲାରେ ରହିଛି ମୋଟ ୧୧୪ ସମ୍ବେଦନଶୀଳ ବୁଥ୍।

ସେହିପରି ନବରଙ୍ଗପୁର ଜିଲ୍ଲାରେ ୪ ବିଧାନସଭା ନିର୍ବାଚନମଣ୍ଡଳୀ ଥିବା ବେଳେ ଦୁର୍ଗମ ତଥା ଜିଲ୍ଲା ମୁଖ୍ୟାଳୟରୁ ଅଧିକ ଦୂର ହୋଇଥିବାରୁ ଉମରକୋଟ ଓ ଝରିଗାଁକୁ ଶନିବାର ବାହାରିଛନ୍ତି ପୋଲିଂ ଅଧିକାରୀ ଓ କର୍ମଚାରୀ। ବାକି ଦୁଇଟିକୁ ରବିବାର ପଠାଯିବ। କୋରାପୁଟ ସରକାରୀ ମହାବିଦ୍ୟାଳୟରେ ପଟାଙ୍ଗି, ଲକ୍ଷ୍ମୀପୁର ଓ କୋରାପୁଟ ପାଇଁ ୧୫ଟି କାଉଣ୍ଟର ଖୋଲାଯାଇ ଶୃଙ୍ଖଳିତ ଭାବେ ହୋଇଛି ଭୋଟିଂ କିଟ୍ ବଣ୍ଟନ। ଶନିବାର ଏଠାରୁ ୩ଟି ନିର୍ବାଚନମଣ୍ଡଳୀର ବୁଥ୍‌କୁ ପୋଲିଂ ପାର୍ଟି ଯାଇଛନ୍ତି। ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ୍ୟ ହୋଇଛି ବ୍ୟାପକ ବ୍ୟବସ୍ଥା। ପୂର୍ବ ଭଳି ଟ୍ରକ୍‌ରେ ନଯାଇ ବସ୍ ଓ ଛୋଟ ଗାଡ଼ିରେ ଯାଇଛନ୍ତି ପୋଲିଂ କର୍ମଚାରୀ। ସେପଟେ ବ୍ରହ୍ମପୁର ଓ କଳାହାଣ୍ଡି ସଂସଦୀୟ କ୍ଷେତ୍ରର ବିଭିନ୍ନ ବୁଥ୍ ଅଭିମୁଖେ ଶନିବାରଠୁ ଯାଇସାରିଛନ୍ତି (ପୃଷ୍ଠା ୭ରେ)

## ଓଡ଼ିଶାକୁ ୧ ନମ୍ବର କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ବାବୁ ଯଥେଷ୍ଟ : କାର୍ତ୍ତିକ ପାଣ୍ଡିଆନ

ଭୁବନେଶ୍ୱର, ୧୧/୦୫
ନ୍ୟୁଜ ବ୍ୟୁରୋ



ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶନିବାର ସୁନ୍ଦରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଘୁନାଥପାଲ୍ଲୀ, ବୀରମିତ୍ରପୁର ଓ ବଣାଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସାଂସଦ ପ୍ରାର୍ଥୀ ଦିଲ୍ଲୀପ ତିର୍କୀ ଏବଂ ରଘୁନାଥପାଲ୍ଲୀ ବିଧାୟକ ପ୍ରାର୍ଥୀ ଅର୍ଚ୍ଚନା ରେଖା ବେହେରା, ବୀରମିତ୍ରପୁର ବିଧାୟକ ପ୍ରାର୍ଥୀ ରୋହିତ ଜୋସେଫ୍ ତିର୍କୀ ଓ ବଣାଇ ବିଧାନସଭା ପ୍ରାର୍ଥୀ ଭୀମସେନ ଚୌଧୁରୀଙ୍କ ସପକ୍ଷରେ ଭୋଟ ଦେବା ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି ।

ବୀରମିତ୍ରପୁରରେ ଶ୍ରୀ ପାଣ୍ଡିଆନ ବିରାଟ ଜନସଭାକୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପ୍ରଧାନମନ୍ତ୍ରୀ କହୁଛନ୍ତି ତାଙ୍କ ଦଳ ନିର୍ବାଚନ ଜିତିଲେ ଓଡ଼ିଶାକୁ ଏକ ନମ୍ବର କରିବେ। ପୂର୍ବରୁ ମାନ୍ୟବର ପ୍ରଧାନମନ୍ତ୍ରୀ ବହୁବର୍ଷ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ, ଗୁଜରାଟକୁ ଏକ ନମ୍ବର କରିପାରିଲେ କି ? ଗୁଜରାଟରେ ଆଜି ଅପପୁଷ୍ଟି ହାର ୪୦ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ୨୯ ପ୍ରତିଶତ ରହିଛି, ମହିଳା ସଶକ୍ତିକରଣରେ ଗୁଜରାଟ ବହୁ ପଛୁଆ ଅଛି, ମୁଣ୍ଡପିଛା ଋଣହାର ମଧ୍ୟ ଗୁଜରାଟରେ ଅଧିକା, ରକ୍ତହୀନତା ହ୍ରାସରେ ଓଡ଼ିଶା ୬୪ ସ୍ଥାନରେ ଥିବାବେଳେ ଗୁଜରାଟ ୮୦ରେ ଅଛି, ଓଡ଼ିଶାରେ ସବୁ ହାଇସ୍କୁଲରେ ଡିଜିଟାଲ ବୋର୍ଡରେ ପିଲା ପାଠ ପଢୁଥିବାବେଳେ ଗୁଜରାଟରେ ଆଜି ମଧ୍ୟ ବ୍ଲାକବୋର୍ଡରେ ପିଲା ପାଠ ପଢୁଛନ୍ତି ବୋଲି କହି ସେ ପୁଣି କହିଥିଲେ ଯେ, ଆପଣ ଯଦି ପାରିବେ ଭାରତକୁ ଏକ ନମ୍ବର କରନ୍ତୁ ଓଡ଼ିଶାକୁ ଏକ ନମ୍ବର କରିବା ପାଇଁ ନବୀନ ବାବୁ ଯଥେଷ୍ଟ । ଦଶବର୍ଷ ମଧ୍ୟରେ କଟକ-ସମ୍ବଲପୁର ରାସ୍ତା ହୋଇପାରିଲା ନାହିଁ କିନ୍ତୁ (ପୃଷ୍ଠା ୭ରେ)

## ଋଣ ଦେବୁ ଯେ, ଶୁଝିପାରିବ ତ ପାକିସ୍ତାନ ? ଆଇଏମ୍ଏଫ୍‌ର ସନ୍ଦେହ

ଇସଲାମାବାଦ, ୧୧/୦୫

ନଗଦ ଟଙ୍କା ଓ ଅର୍ଥନୈତିକ ସଙ୍କଟ ସହ ସଂଘର୍ଷ କରୁଥିବା ପାକିସ୍ତାନର ଅର୍ଥନୀତିକୁ ବଡ଼ ଝଟକା ଲାଗିପାରେ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) କହିଛି ଯେ ଋଣ ପରିଶୋଧ କରିବାରେ ପାକିସ୍ତାନ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଏହା ସହିତ ଋଣ ପରିଶୋଧ କରିବାରେ ପାକିସ୍ତାନର ସାମର୍ଥ୍ୟ ଉପରେ ମଧ୍ୟ ଏହି ବିଶ୍ୱ ଆର୍ଥିକ ସଂସ୍ଥା ସନ୍ଦେହ କରିଛି। ଶନିବାର ଏକ ଗଣମାଧ୍ୟମ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଆଇଏମ୍ଏଫ୍‌ର ଏକ ସହାୟତା (ପୃଷ୍ଠା ୭ରେ)

## ଓଡ଼ିଶାରେ ବିଜେଡି ସରକାରର କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି : ପ୍ରଧାନମନ୍ତ୍ରୀ

ବଲାଙ୍ଗୀର, ୧୧/୦୫
ନ୍ୟୁଜ ବ୍ୟୁରୋ

ଏଠାକାର ଭିଡ଼ ଦେଖି ଲାଗୁଛି ଓଡ଼ିଶାରେ ବିଜେଡି ସରକାରର କାଉଣ୍ଟଡାଉନ୍ ଆରମ୍ଭ ହୋଇସାରିଛି। ଏଠି ମା' ଭଉଣୀଙ୍କୁ ଦେଖି ବିଜେଡିର ଦଶା ସ୍ପଷ୍ଟ ବାରି ହୋଇପଡୁଛି। ଓଡ଼ିଶାରେ ପ୍ରଥମ ଥର ହେବ ଡବଲ ଇଞ୍ଜିନ୍ ସରକାର। ଏଠାକାର ବିଜେଡି ସରକାର ଗରିବୀ ହଟାଇବାପାଇଁ କୌଣସି ପଦକ୍ଷେପ ନେଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ସହର ଉପକଣ୍ଠ ପଥରଚେପାଠାରେ ଆୟୋଜିତ ବିଜୟ



ସଂକଳ୍ପ ସମାବେଶରେ ସମ୍ବୋଧନ କରି ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଆଜି ଓଡ଼ିଆ ସଂସ୍କୃତି ସଙ୍କଟରେ। କେମିତି ଓଡ଼ିଆ ଅସ୍ମିତା ବଞ୍ଚିବ। ଏଠାକାର ମହାପୁରୁଷମାନେ ଓଡ଼ିଶାର ଏଭଳି ଅବସ୍ଥା ଦେଖି କ'ଣ ଭାବୁଥିବେ। (ପୃଷ୍ଠା ୭ରେ)

## ୭୫ ବର୍ଷ ବୟସ ପରେ ବି ପ୍ରଧାନମନ୍ତ୍ରୀ ରହିବେ ମୋଦି : ଅମିତ ଶାହା

ନୂଆଦିଲ୍ଲୀ, ୧୧/୦୫



ନିଜେ ଗୃହମନ୍ତ୍ରୀ ଅମିତ ଶାହା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଚାଞ୍ଚଲ୍ୟକର ବୟାନର ଜବାବ ଦେଇ କହିଛନ୍ତି ଯେ ବିଜେପିର ସମ୍ବିଧାନରେ କୁହାଯାଇନାହିଁ ଯେ ୭୫ ବର୍ଷ ବୟସ ପରେ କୌଣସି ଦଳର ନେତା ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ। ନରେନ୍ଦ୍ର ମୋଦି ନିର୍ବାଚନ ଜିତି ତୃତୀୟ ଥର ପାଇଁ ବିଜେପିର ପ୍ରଧାନମନ୍ତ୍ରୀ ହେବେ ଓ ସେ ୭୫ ବର୍ଷ ବୟସ ପରେ ବି ପ୍ରଧାନମନ୍ତ୍ରୀ ରହିବେ। ଜେଲ୍‌ରୁ ଫେରିବା ପରେ ଅରବିନ୍ଦ କେଜ୍ରିୱାଲ ଶନିବାର କହିଥିଲେ ଯେ ବିଜେପିବାଲା ଇଣ୍ଡିଆ ମେଣ୍ଟକୁ ତାଙ୍କର ପ୍ରଧାନମନ୍ତ୍ରୀ(ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଆଦିବାସୀ କବି ପୂର୍ଣ୍ଣମାସୀ ଜାନୀଙ୍କ ପାଦ ଛୁଇଁ ଆଶୀର୍ବାଦ ନେଲେ ମୋଦି



କନ୍ଧମାଳ, ୧୧/୦୫
ନ୍ୟୁଜ ବ୍ୟୁରୋ

ଓଡ଼ିଶାର କନ୍ଧମାଳଠାରେ ଏକ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦିବାସୀ କବି ପୂର୍ଣ୍ଣମାସୀ ଜାନୀଙ୍କ ପାଦ ଛୁଇଁ ଆଶୀର୍ବାଦ ଗ୍ରହଣ କରିଛନ୍ତି। ୮୦ ବର୍ଷୀୟ କବି ତଥା ସାମାଜିକ କାର୍ଯ୍ୟକର୍ତ୍ତା ପୂର୍ଣ୍ଣମାସୀ କୁଇ, ଓଡ଼ିଆ ଏବଂ ସଂସ୍କୃତରେ ୫୦,୦୦୦ରୁ ଅଧିକ ଭକ୍ତି ଗୀତ ରଚନା କରିଛନ୍ତି ଏବଂ ୨୦୨୧ ମସିହାରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ପ୍ରଧାନମନ୍ତ୍ରୀ ପୂର୍ଣ୍ଣମାସୀଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହିତ ତାଙ୍କ ପାଦ ଛୁଇଁଛନ୍ତି। ପୂର୍ଣ୍ଣମାସୀ ତାଡିସାରୁ ବାଈ ନାମରେ ବେଶ୍ ପରିଚିତ। କବିଙ୍କ ପାଦ ଛୁଇଁବାର ଏହି ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବହୁଳ ଭାବରେ ସେୟାର କରାଯାଇଛି। କନ୍ଧମାଳରେ ଜନସାଧାରଣଙ୍କୁ ସମ୍ବୋଧିତ କରିବା ସମୟରେ ପ୍ରଧାନମନ୍ତ୍ରୀ ମୋଦି ମହିଳା ଶକ୍ତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ତାଙ୍କୁ ସମ୍ମାନ ଜଣାଇଥିବା ମାଆ ତୁଳା ବେହେରାଙ୍କୁ କୃତଜ୍ଞତା ଜଣାଇଥିଲେ।

ରାଜ୍ୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏକକାଳୀନ ନିର୍ବାଚନ ଅନୁଷ୍ଠିତ ହେଉଛି। ପ୍ରଥମ ଥର ପାଇଁ ଓଡ଼ିଶାରେ ଏକ ଡବଲ ଇଞ୍ଜିନ ସରକାର ଗଠନ କରିବାକୁ ସେ ଜନସାଧାରଣଙ୍କୁ (ପୃଷ୍ଠା ୭ରେ)

## ଏକାଳ ସେକାଳ



ନେତାଏ କୁହନ୍ତି ଆମକୁ ଜିତାଅ
ବାକି ସବୁତକ ହଟା
ମନେ ମନେ ସବୁ ମହାବଳ
ଅନ୍ୟକୁ ଭାବନ୍ତି ହେଟା
ଜନେ ଭାବନାହିଁ ଥଟ୍ଟା
ଗୋଟେ ଦିନପରେ ଭୋଟ ପରବ
ଚାଖିଦେବ ମିଠା ଖଟା।


## ପ୍ରଳୟଙ୍କରୀ ବନ୍ୟା: ଆଫଗାନିସ୍ତାନରେ ଗୋଟିଏ ଦିନରେ ୨୦୦ରୁ ଅଧିକ ମୃତ

କାବୁଲ, ୧୧/୫

ଆଫଗାନିସ୍ତାନରେ ହଠାତ୍ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଦ୍ୱାରା ଦେଶର ଉତ୍ତର ଭାଗ ଅଧିକ ପ୍ରଭାବିତ ହୋଇଛି। ଗୋଟିଏ ଦିନରେ ୨୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ମିଳିତ ଜାତିସଂଘ ଶନିବାର ଏକ ବିବୃତ୍ତିରେ ଏହି ସୂଚନା ଦେଇଛି। ମିଳିତ ଜାତିସଂଘର ଅନ୍ତର୍ଜାତୀୟ ସଂଗଠନ ଆଇଓଏମ୍ କହିଛି ଶୁକ୍ରବାର ଦିନ ପ୍ରବଳ ବର୍ଷା ଯୋଗୁଁ ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହି କାରଣରୁ ବାଘଲାନ ପ୍ରଦେଶରେ ୨୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା ଏବଂ ହଜାର ହଜାର ଘର ନଷ୍ଟ ହୋଇଯାଇଥିଲା।

କେବଳ ବାଘଲାନି ଜାଦିଦ୍ ଜିଲ୍ଲାରେ ୧,୫୦୦ ରୁ ଅଧିକ ଘର ନଷ୍ଟ ହୋଇଯାଇଥିଲା (ପୃଷ୍ଠା ୭ରେ)

## ୨୦ ବର୍ଷ ପରେ ପୃଥିବୀ ସହ ମାଡ ହେବ ଭୟଙ୍କର ସୌର ଝଡ଼, ଅନେକ ଦେଶ ହୋଇଯିବ ଅନ୍ଧାର




କଲରାଡୋ, ୧୧।୫

୨୦ ବର୍ଷରୁ ଅଧିକ ସମୟ ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ସୌର ଝଡ଼ ପୃଥିବୀରେ ମାଡ ହେବାକୁ ଯାଉଛି। ଆମେରିକାର ବୈଜ୍ଞାନିକ ଏଜେନ୍ସି ନ୍ୟାସନାଲ ଓସେନିକ ଏବଂ ଆଟମୋସଫେରିକ ଆଡମିନିଷ୍ଟ୍ରେସନ (ଏନ୍ଓଏଏ) ସୌର ଝଡ଼ ସମ୍ପର୍କରେ ଚେତାବନୀ ଦେଇଛି। ଏହା ଉପଗ୍ରହ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ସେ କହିଛନ୍ତି। ଏହା ପାୱାର ଗ୍ରୀଡ, ଯୋଗାଯୋଗ ନେଟୱାର୍କ ଏବଂ ଇଲେକ୍ଟ୍ରୋନିକ ଉପକରଣ ପାଇଁ ମଧ୍ୟ ବିପଦ ସୃଷ୍ଟି କରିପାରେ।

ରିପୋର୍ଟ ଅନୁଯାୟୀ, ଏହି ସୌର ଝଡ଼ ଶନିବାର ରାତିରେ ଏବଂ ସପ୍ତାହ ଶେଷରେ ପୃଥିବୀକୁ ଆସିବ ଯାହା ଆମେରିକାର ଏଜେନ୍ସିର ଚିନ୍ତା ବଢାଇ ଦେଇଛି। ପାଣିପାଗ ପୂର୍ବାନୁମାନ କେନ୍ଦ୍ର ଅନୁଯାୟୀ, ଅକ୍ଟୋବର ୨୦୦୩ରେ ଏଭଳି ସୌର ଝଡ଼ ପରିଲକ୍ଷିତ ହୋଇଥିଲା। ସେବେଠାରୁ ଏପରି ଜ୍ୟୋତିର୍ବିଜ୍ଞାନ ଘଟଣା ବହୁ ବର୍ଷ ମଧ୍ୟରେ ଦେଖାଯାଇ ନଥିଲା। ଏହି ପାଣିପାଗ ଚୁମ୍ବକୀୟ ଝଡ଼ ଚରମ ସ୍ତରକୁ ବୃଦ୍ଧି ପାଇଛି, ସ୍ପେସ ପାଣିପାଗ ପୂର୍ବାନୁମାନ କେନ୍ଦ୍ର ଦ୍ୱାରା ଏହାକୁ ୫ ରୁ ୫ ରେଟିଂ ଦିଆଯାଇଛି। ୨୦୦୩ପରଠାରୁ ସେପରି କୌଣସି ସୌର କାର୍ଯ୍ୟକଳାପ (ପୃଷ୍ଠା ୭ରେ)







## ବିଜେପିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ମଣ୍ଡାସାହି ପଞ୍ଚାୟତ ଉତ୍ତରଣ୍ଡା ଠାରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଜେପିର ଜଗତସିଂହପୁର ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ । ସମ୍ମାନୀତ ଅତିଥିଭାବେ ମଣ୍ଡାସାହି ମଣ୍ଡଳ ସଭାପତି ଶିଶିର ପାତ୍ର ଜଗତସିଂହପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସାରଙ୍ଗ ପାଇଟାଳ, ରାଜ କିଶୋର ମହାନ୍ତି, ଚକ୍ରଧର ପ୍ରଧାନ, ସୁବାଷ ଭୋଇ, ସାରଙ୍ଗ ପାଇଟାଳ ସୁଶୀଲ ପଟ୍ଟନାୟକ, ଶ୍ରବଣ ଜେନା, ସୌମ୍ୟ ରଞ୍ଜନ ହାତୀ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ତୃଣମୂଳ ସ୍ତରରେ ସଂଗଠନକୁ ସଦୃଢ଼ କରି ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର ଦାସଙ୍କୁ ସାଂସଦ ପ୍ରାର୍ଥୀ ବିଭୁ ପ୍ରସାଦ ତରାଇଙ୍କୁ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ପ୍ରାରମ୍ଭରେ ଅମରେନ୍ଦ୍ରଙ୍କ ସମର୍ଥକ ମାନେ ତାଙ୍କୁ ବାଇକ ଶୋଭାଯାତ୍ରାରେ ମଧୁସୂଦନ ପୁର ଠାରୁ ଉତ୍ତରଣ୍ଡା ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ପରେ ଶତାଧିକ କର୍ମୀ ମନମୋହନ ଭୋଇ, କ୍ଷୀରୋଦ ଜେନା ବସନ୍ତ ଭୋଇ, ସୁଚିତ୍ରା ପ୍ରଧାନ, ପ୍ରତିମା ଭୋଇ, ପ୍ରଫୁଲ୍ଲ ଭୋଇ, ଜୟଦେବ ପଟ୍ଟନାୟକ, ପ୍ରଶାନ୍ତ ବାରିକଙ୍କ ସମେତ ଶତାଧିକ କଂଗ୍ରେସ ଓ ବିଜେଡି କର୍ମୀ ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଥିଲେ । ସମସ୍ତଙ୍କୁ ଅମରେନ୍ଦ୍ର ଦାସ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ ।

## ସୋନପୁର ବିଜେପି ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ପ୍ରମୋଦ କୁମାର ମହାପାତ୍ର ତାଙ୍କ ଶୁଭେଚ୍ଛୁଙ୍କ ସହ ପହଞ୍ଚି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ । ପରେ ପରେ ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରୁ ମା'ଙ୍କ ଆଶୀର୍ବାଦ ନେଇ ଏକ ବିରାଟ ପଟୁଆରରେ ହଜାର ହଜାର କର୍ମୀ ଓ ଶୁଭେଚ୍ଛୁଙ୍କ ସହ ଗୁଣ୍ଡିଚା ମନ୍ଦିର ଦେଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରା ସମୟରେ ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ମହାପାତ୍ର ଓ ବଲାଙ୍ଗୀର ସାଂସଦ ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଯୋଡ଼ି ପଦ୍ମରେ ଭୋଟ ଦେବାକୁ ହାତଯୋଡ଼ି ସହରବାସୀଙ୍କୁ ଅନୁରୋଧ କରିଥିଲେ । ସାଂସଦ, ବିଧାୟକ ଙ୍କ ସମେତ ସାଂସଦ ପ୍ରତିନିଧି ଶରତ ଶତପଥି, ବ୍ଲକ ପ୍ରତିନିଧି ସାନନ୍ଦ ମେହେର, ବରିଷ୍ଠ ନେତା ଅଶୋକ ପୃଷ୍ଟୀ, ବିଜୟ ମହାକୁଡ଼, ବିମଳ ମିଶ୍ର, ବିଶ୍ୱମ୍ବର ମିଶ୍ର, ନିରଞ୍ଜନ ତ୍ରିପାଠୀ, ସ୍ୱରୂପ ପାତ୍ର, ପପୁନ ମିଶ୍ର, ଗଣେଶ ସାହୁ, ଜ୍ୟୋତି ତ୍ରୀପାଠୀ, ରାଜୀବ ବିଶି, ଶ୍ୟାମ ଶତପଥି, ପଞ୍ଚାନନ ପଧାନ, ରାମେଶ୍ୱର ପଧାନ, କୃପା ନିଧି ମିଶ୍ର, ମନୋଜ କର୍ମୀ ପ୍ରମୁଖ ହଜାର ହଜାର ନେତା କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ଥିଲେ ।

## ବିଜେଡ଼ିରେ ଯୋଗଦେଲେ ମହିଳା କଂଗ୍ରେସ ରାଜ୍ୟସାଧାରଣ ସମ୍ପାଦିକା ଶ୍ରୀୟା ସମ୍ବେଦନା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କଟକ-ବାରବାଟୀ ନିର୍ବାଚନ ମଣ୍ଡଳୀର ମହିଳା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀୟା ସମ୍ବେଦନାଙ୍କ ସମେତ ଶତାଧିକ କଂଗ୍ରେସକର୍ମୀ ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ମହିଳା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀୟା ସମ୍ବେଦନାଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଶ୍ରୀୟା ସମ୍ବେଦନାଙ୍କ ଯୋଗଦାନ ଫଳରେ ବିଶେଷକରି କଟକ-ବାରବାଟୀ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍‌ହୋଇଥିବା ଶ୍ରୀୟା ସମ୍ବେଦନା ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଓ ମୋ ସହଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ପ୍ରକାଶ କୁମାର ରାଉତରାୟ, ସୁଶାନ୍ତ ମହାପାତ୍ର, ବିଶ୍ୱନାଥ ପାଣିଗ୍ରାହୀ, ରାକେଶ କୁମାର ସିଂ, ସନ୍ତୋଷ କୁମାର ସ୍ୱାଇଁ, ସୁମିତ ମିଶ୍ର, ପରେଶ କୁମାର ରାଉତରାୟ, ଶଶୀକାନ୍ତ ଆଚାର୍ଯ୍ୟ, ଅଜୟ ମଲ୍ଲିକ, ଗଜେନ୍ଦ୍ର ସାହୁ, ରିତ ମହାନ୍ତି, ଶିବ କୁମାର ରାୟ, ଅମରନାଥ ବେହେରା, ସୌମ୍ୟ ରଞ୍ଜନ ମହାନ୍ତି, ତନୟ ବେହେରା, ଲକି ବେହେରା, ରବି ବେହେରା, ଦିଲ୍ଲୀପ ବେହେରା, ଜଗମୋହନ ବେହେରା, ରାହୁଲ ସେଠୀ, ସରୋଜ ବେହେରା, ସନ୍ତୋଷ ସ୍ୱାଇଁ, ବଳରାମ ସାହୁ, ସୁମନ୍ତ ସେଠୀ, ରାଜା ଦାସ, ରୋହିତ କୁମାର ସାହୁ, ଅରୁଣ କୁମାର ନାୟକଙ୍କ ସହ ଶତାଧିକ କଂଗ୍ରେସକର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୋଆରେ ଡିବିଟିର ଦୁଇ ଦିନିଆ ସମୀକ୍ଷା ବୈଠକ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ବାୟୋଟେକନୋଲୋଜି (ଡିବିଟି) ଅଧିନସ୍ଥ ରିସର୍ଚ୍ଚ ରିସୋର୍ସ ସର୍ଭିସ ଫେସିଲିଟି ଆଣ୍ଡ ପ୍ଲାଟଫର୍ମସ (ଆରଆରଏସଏଫପି)ର ଟାସ୍କଫୋର୍ସ ସଭ୍ୟମାନଙ୍କ ଦୁଇଦିନିଆ ସମୀକ୍ଷା ବୈଠକ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ-ବିଦ୍ୟାଳୟଠାରେ ଉଦ୍‌ଯାପିତ ହୋଇ ଯାଇଛି । ଏହି ବୈଠକରେ ଡିବିଟି -ଆରଆରଏସଏଫପି ଅଧିନସ୍ଥ ବିଭିନ୍ନ ପରିକଳ୍ପନା ଗୁଡିକର ସମୀକ୍ଷା କରା ଯାଇଥିଲା । ଏଥିରେ ଦେଶର ୨୪ଟିରୁ ଅଧିକ ପ୍ରତିଷ୍ଠାନ ସେମାନଙ୍କ ଦ୍ୱାରା କରାଯାଉଥିବା ଗବେଷଣା କାର୍ଯ୍ୟର ରିପୋର୍ଟ ପ୍ରଦାନ କରିଥିଲେ । ଏଥିରେ ବିଭିନ୍ନ କାର୍ଯ୍ୟଗୁଡିକର ବିଭିନ୍ନ ଦିଗକୁ ନେଇ ଆଲୋଚନା କରାଯାଇଥିଲା । ଗବେଷଣା ପ୍ରତି ଛାତ୍ରଛାତ୍ରୀମାନଙ୍କ ଆଗ୍ରହ ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ବିଷୟ ମଧ୍ୟ ଆଲୋଚିତ ହୋଇଥିଲା । ସୋଆ ବିଶ୍ୱବିଦ୍ୟାଳୟରେ ହେଉଥିବା ଗବେଷଣା ବିଷୟରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିଲା । ଏହି ବୈଠକରେ ଯୋଗଦେଇଥିବା ସଭ୍ୟମାନଙ୍କ ମଧ୍ୟରେ ଟାସ୍କଫୋର୍ସ ଅଧ୍ୟକ୍ଷ ପ୍ରଫେସର ଏମ୍.ରାଧାକୃଷ୍ଣ ପିଲାଇ (କେରଳସ୍ଥିତ ରାଜୀବ ଗାନ୍ଧୀ ସେଣ୍ଟର ଫର ବାୟୋଟେକ୍‌ନୋଲୋଜିର ପୂର୍ବତନ ନିର୍ଦ୍ଦେଶକ), ଉପାଧ୍ୟକ୍ଷ ପ୍ରଫେସର ଏଲ.ଏସ୍. ଶଶୀଧର (ବେଙ୍ଗାଲୁରୁ ସ୍ଥିତ ନ୍ୟାସନାଲ ସେଣ୍ଟର ଫର ବାୟୋ-ଲୋଜିକାଲ ସାଇନସେସର ନିର୍ଦ୍ଦେଶକ), ପ୍ରଫେସର ସୁନୀତ କୁମାର ସିଂହ (ଦିଲ୍ଲୀସ୍ଥିତ ଡ. ବି.ଆର. ଅମ୍ବେଦକର ସେଣ୍ଟର ଫର ବାୟୋକେମିକାଲ ରିସର୍ଚ୍ଚର ନିର୍ଦ୍ଦେଶକ), ପ୍ରଫେସର ରମେଶ ଶର୍ମା (ଶିଲଂ ସ୍ଥିତ ନର୍ଥ ଇଷ୍ଟ ହିଲ ୟୁନିଭର୍ସିଟିର ଅବସର ପ୍ରାପ୍ତ ପ୍ରଫେସର), ଡ. ସୁବୀର ମଜୁମଦାର ( ଗାନ୍ଧୀନଗର ସ୍ଥିତ ଗୁଜୁରାଟ ବାୟୋଟେକ୍‌ନୋଲୋଜି ୟୁନିଭର୍ସିଟିର ଡାଇରେକ୍ଟର ଜେନେରାଲ), ପ୍ରଫେସର ଅଶ୍ୱନୀ ପାରିକ (ମୋହାଲି ସ୍ଥିତ ନ୍ୟାସ୍‌ନାଲ୍ ଏଗ୍ରି -ଫୁଡ ବାୟୋ-ଟେକନୋଲୋଜି ଇନଷ୍ଟିଚ୍ୟୁଟର ଏଗଜିକ୍ୟୁଟିଭ୍ ଡାଇରେକ୍ଟର), ଡ. ମୁକେଶ ଜୈନ, (ଦିଲ୍ଲୀସ୍ଥିତ ଜବାହାରଲାଲ ନେହେରୁ ୟୁନିଭର୍ସିଟିର ପ୍ରଫେସର), ପ୍ରଫେସର ପି.ଏନ. ରଙ୍ଗରାଜନ (ବେଙ୍ଗାଲୁରୁ ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନସର ପ୍ରଫେସର), ପ୍ରଫେସର ଏସ.ଏମ. ଶ୍ରୀନିଭାସୁଲା (ତିରୁପତି ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନସ ଏଜୁକେସନ ଆଣ୍ଡ ରିସର୍ଚ୍ଚର ପ୍ରଫେସର), ଡ.ଏମ.କେ.ଭଟ୍ଟ (ପୁନେସ୍ଥିତ ନ୍ୟାସନାଲ ସେଣ୍ଟର ଫର ସେଲ ସାଇନସର ନିର୍ଦ୍ଦେଶକ) ଓ ପ୍ରଫେସର ଦେବାଶିଷ ମିତ୍ର (ପୁନେସ୍ଥିତ ନ୍ୟାସନାଲ୍ ସେଣ୍ଟର ଫର ସେଲ ସାଇନସର ପ୍ରଫେସର) ଥିଲେ । ଡିବିଟିର ବୈଜ୍ଞାନିକ ଡ. ସଞ୍ଜୟ ମିଶ୍ର ଓ ଡ. ଗାରିମା ଗୁପ୍ତା ତଥା ଜୁନିୟର ଟେକ୍‌ନିକାଲ୍ ଆସିଷ୍ଟାଣ୍ଟ ପ୍ରତ୍ୟୁଷ ସିହ୍ନା ସଂଯୋଜକ ଭାବେ କାର୍ଯ୍ୟ କରିଥିବା ବେଳେ ସୋଆ ପକ୍ଷରୁ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନସେସର ଡିନ୍ ପ୍ରଫେସର ସୁଦାମ ଚନ୍ଦ୍ର ସିଂ, ପ୍ରଫେସର ଗୌତମ ରଥ, ପ୍ରଫେସର ଦୁର୍ଗାମାଧବ କର ଓ ପ୍ରଫେସର ବି. ବି.ସୁବୁଦ୍ଧି ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ ।

## ବୌଦ୍ଧ ଓ କନ୍ଧମାଳରେ ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**



ସାଧାରଣ ନିର୍ବାଚନ ପାଇଁ ବୌଦ୍ଧ ଜିଲ୍ଲା ଭାରତୀୟ ଜନତା ପାର୍ଟିର ବୌଦ୍ଧ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ସରୋଜ କୁମାର ପ୍ରଧାନ ଓ କନ୍ଧମାଳ ବିଧାନସଭା ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଉଭୟ ନିର୍ବାଚନ ମଣ୍ଡଳୀର ବିଜେପିର ୨୦ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ବୌଦ୍ଧସହର ସ୍ଥିତ ରାମେଶ୍ୱର ମନ୍ଦିରରେ ଏକତ୍ରିତ ହୋଇଥିଲେ । ସେଠାରେ ଉଭୟ ପ୍ରାର୍ଥୀ ପହଞ୍ଚିବା ପରେ ସ୍ଥାନୀୟ ରଘୁନାଥ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ନିକଟରେ ପୂଜାର୍ଚ୍ଚନା କରି ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ । ଏହି ବିଶାଳ ଶୋଭାଯାତ୍ରା ସହରର ଗାନ୍ଧିଛକ, ଏନଏସି ଛକ, ଓ୍ୱାର୍ଲେସ ଛକ ଓ କୋର୍ଟ ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । ହଜାର ହଜାର କର୍ମୀ ଓ ଜନତାଙ୍କ ସମାଗମରେ ବିଜେପି ଶକ୍ତି ପ୍ରଦର୍ଶନ କରିଥିଲା । ତେବେ ଏହି ବିଶାଳ ଜନ ସମାଗମ ବିଜେପି ଶିବିରକୁ ଆହୁରି ଉତ୍ସାହିତ କରିଥିବାବେଳେ ବିଜେଡି ଗଡ଼ ଭାବେ ଥିବା ଦୁଇ ବିଧାନସଭା ମଣ୍ଡଳୀରେ ଛନକା ପଶିଛି । ରାଜନୀତି ପଶାପାଲିରେ ଦୁଇ ବିଧାନସଭା ମଣ୍ଡଳୀ ବିଜେପି ଅକ୍ତିଆର କରିବ ବୋଲି ଆଶା ବାନ୍ଧିଛି ବିଜେପି । ଅନ୍ୟ ପଟେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ରଙ୍କ ନିକଟରେ ଓ ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ସରୋଜ କୁମାର ପ୍ରଧାନ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ନିକଟରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ବିଜେପିର ଏହି ଶୋଭା-ଯାତ୍ରାରେ ପ୍ରାର୍ଥୀଙ୍କ ସହ କନ୍ଧମାଳ ସାଂସଦ ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ, ବରିଷ୍ଠ ବିଜେପି ନେତା ସଚ୍ଚିଦାନନ୍ଦ ଦଲାଲ, ସୁଶାନ୍ତ ପ୍ରଧାନ, ଶେଷଦେବ ମେହେର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତିଙ୍କ ସମେତ ବହୁ ନେତା ସାମିଲ ଥିଲେ ।

## ଖ୍ରୀଷ୍ଟ କଲେଜ ତରଫରୁ ପଥିକମାନଙ୍କୁ ଦହି ସର୍ବତ ପ୍ରଦାନ



**କଟକ, ନ୍ୟୁଜ୍‌ବ୍ୟୁରୋ**

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ ରଖି ଖ୍ରୀଷ୍ଟ କଲେଜ ତରଫରୁ କଲେଜର ମୁଖ୍ୟ ଫାଟକ ସମ୍ମୁଖ ରାସ୍ତାରେ ଯାଉଥିବା ପଥିକମାନଙ୍କୁ ଦହିସର୍ବତ ପ୍ରଦାନ କରାଯିବା ସହିତ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସଚେତନ କରାଯାଇଛି । କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ର, ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର, ସଦସ୍ୟ ଚନ୍ଦନ ଦାସ, ସୌମେନ୍ଦ୍ର ଦାସ, ଉପାଧ୍ୟକ୍ଷା ଡଃକ୍ଷଣପ୍ରଭା ନନ୍ଦଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । କଲେଜର ଶିକ୍ଷକ ସଂଘ, ଯୁବ ରେଡ୍‌କ୍ରସ, ଏନ୍.ଏସ୍.ଏସ୍, ଏନ୍.ସି.ସି, ନୌବିଭାଗ ଓ ସୈନ୍ୟବିଭାଗ, ମୋକଲେଜ ଅଭିଯାନ, ଛାତ୍ରୀ ଆତ୍ମରକ୍ଷା କ୍ଲବ, ଯୁବ ସଂସ୍କାର କମିଟିର କର୍ମକର୍ତ୍ତା ତଥା ଛାତ୍ରଛାତ୍ରୀମାନଙ୍କର ମିଳିତ ସହଯୋଗରେ ଶତାଧିକ ପଥଚାରୀମାନଙ୍କୁ ଦହିସର୍ବତ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରାଧ୍ୟାପକ ଯୋଗଶଙ୍କର ମହାପ୍ରଶସ୍ତ, ପ୍ରାଧ୍ୟାପକ ଶୋଭନ ପଣ୍ଡା, ଡଃ ସାରଦା ପ୍ରସାଦ କର, ସ୍ୱାତୀ ଦାଶ, ଡଃ ପ୍ରଦ୍ୟୁମ୍ନ ଦାଶ, ଡଃ କବିତାଜେନା, ଡଃ ଅଶୋକ ସାହୁ ଓ ଡଃ ଜ୍ଞାନେଶ୍ୱର ରଥ । ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ଉଦ୍‌ଘାଟନର ୧୪ ମାସ ପରେ ବି ସ୍ଥାନାନ୍ତର ହେଉନି ଫାଣ୍ଡି : ବଢ଼ୁଛି ଅସନ୍ତୋଷ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**




ବୌଦ୍ଧ ଥାନା ଅନ୍ତର୍ଗତ ଜହ୍ନା ପଙ୍କ ପୁଲିସ ଫାଣ୍ଡି ଦୀର୍ଘ ବର୍ଷ ହେଲା ଏକ ଭଡ଼ା ଘରେ ଚାଲିଥିଲା । ଗ୍ରାମବାସୀଙ୍କ ଉଦ୍ୟମ କ୍ରମେ ୪ ବର୍ଷ ହେଲା ଖାଲି ପଡ଼ିଥିବା ନାରାୟଣ ନଗର ପ୍ରାଥମିକ ବିଦ୍ୟାଳୟକୁ ଫାଣ୍ଡି ଭାବେ ସ୍ଥାନାନ୍ତର ପାଇଁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ, ପୂର୍ବତନ ଜିଲ୍ଲାପାଳ ଓ ପୂର୍ବତନ ଆରକ୍ଷୀ ଅଧୀକ୍ଷକଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ । ଫଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଫାଣ୍ଡି ପାଇଁ ଘର ରଙ୍ଗ କରାଯାଇଥିଲା । ଏହାକୁ ଗତ ୨୦୨୩ ଫେବୃୟାରୀ ୨୨ରେ ମନ୍ତ୍ରୀ ଶ୍ରୀ ଅମାତ୍ ଉଦ୍‌ଘାଟନ କରିଥିଲେ । ଜିଲ୍ଲାପାଳଙ୍କ ଚିଠି ସଂଖ୍ୟା ୬୮୨ ମାଧ୍ୟମରେ ତୁରନ୍ତ ଜିଲ୍ଲାଶିକ୍ଷା ଅଧିକାରୀଙ୍କୁ ସ୍କୁଲ ଗୃହକୁ ଫାଣ୍ଡିକୁ ହସ୍ତାନ୍ତର କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ କେଉଁ କାରଣରୁ ସ୍କୁଲ ଗୃହକୁ ସଂପୂର୍ଣ୍ଣ ହସ୍ତାନ୍ତର କରୁନାହାନ୍ତି ସମସ୍ତଙ୍କୁ ଚକିତ କରିଛି । ହସ୍ତାନ୍ତର ହେଲେ ତୁରନ୍ତ ଜଳ ଯୋଗାଣ ଓ ବିଦ୍ୟୁତ ସଂଯୋଗ ଏବଂ ମରାମତି କାର୍ଯ୍ୟ କରିବା ନେଇ ପାଣ୍ଡି ଅଧିକାରୀ ତତ୍ପରତା ପ୍ରକାଶ କରୁଥିବା ବେଳେ ସ୍କୁଲ ଘର ହସ୍ତାନ୍ତର ସମସ୍ୟା ବାଟ ଓଗାଳୁଛି । ତେବେ ପୂର୍ବତନ ଜିଲ୍ଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଅବସର ପରେ ଆଦେଶକୁ ଶିକ୍ଷା ବିଭାଗ ମାନୁନଥବା ଅଞ୍ଚଳରେ ଚର୍ଚ୍ଚା ହେଉଛି । ତେବେ ଉଦଘାଟନର ୧୪ ମାସ ବିତିଯାଇଥିଲେ ମଧ୍ୟ ଏହି ନୂତନ ଘରକୁ ଫାଣ୍ଡିକୁ ହସ୍ତାନ୍ତର କରୁନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ଯଦି ପୋଲିସ ଫାଣ୍ଡି ନୂତନ ଘରକୁ ସ୍ଥାନାନ୍ତର ନହୁଏ ତେବେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ଜିଲ୍ଲା ପ୍ରଶାସନ ତୁରନ୍ତ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଅଚିହ୍ନା ବୃଦ୍ଧଙ୍କର ଶବ ଉଦ୍ଧାର

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ସହର ନିକଟବର୍ତ୍ତୀ ଜୁଡ଼ିଆ ଘାଟି ଦମକଳ ବିଭାଗ କାର୍ଯ୍ୟାଳୟ ନିକଟରେ ଏକ ଅଚିହ୍ନା ବୃଦ୍ଧଙ୍କର ଶବ ପଡ଼ିଥିବାର ଦେଖି କିଛି ଲୋକେ ରୋଗୀଯାନକୁ ଡାକି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡାକ୍ତରଙ୍କ ନିର୍ଦ୍ଦେଶ କ୍ରମେ ମେଡିକାଲ ଫାଣ୍ଡି ପୋଲିସ ଶବକୁ ଶବ ଗୃହରେ ରଖିଥିଲା । କିଛି ଘଣ୍ଟା ବ୍ୟବଧାନରେ ତାଙ୍କର ପରିବାର ଲୋକେ ଖବର ପାଇ କେନ୍ଦୁଝର ମେଡିକାଲକୁ ଆସି ଶବ ଚିହ୍ନଟ କରିଥିଲେ । ବୃଦ୍ଧ ଜଣକ ଟାଉନ ଥାନା ଅନ୍ତର୍ଗତ ପୁରୁଣା ବଜାରର ପଡ଼ୁଆସର ସ୍ୱର୍ଗତ ନାକୁ ନାଏକଙ୍କ ପୁଅ ସମରା ନାଏକ (୭୨) ବୋଲି ଜଣାପଡ଼ିବାରୁ ଟାଉନ ପୋଲିସ ଉପସ୍ଥିତ ରହି ଶବର ପଞ୍ଚନମା କରିବା ସହ ଏକ କେସ ନଂ ୪୨/ ୨୪ ମାମଲା ରୁଜୁ କରିବା ସହିତ ଶବକୁ ତାଙ୍କର ପରିବାର ଲୋକଙ୍କୁ ଦିଆଯାଇଥିବା ଜଣାପଡ଼ିଛି ।

## ମହାବୀରଙ୍କ ପ୍ରତିଷ୍ଠା ଉତ୍ସବ ପାଳିତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**



ନିଶ୍ଚିନ୍ତକୋଇଲି ବ୍ଲକ କଟରପଡ଼ାସ୍ଥିତ ସଙ୍କଟମୋଚନ ମହାବୀରଙ୍କ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଏକ ବିରାଟ କଳସ ଶୋଭାଯାତ୍ରାରେ ଆସିଥିଲେ । ହରିବୋଲ ହୁଳହୁଳି ଘଣ୍ଟ କାହାଳୀ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । କଳସୀଗୁଡିକୁ ମନ୍ଦିର ପାର୍ଶ୍ୱରେ ସ୍ଥାପନ କରାଯାଇଥିଲା । ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମହାଯଜ୍ଞ ଓ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଧୂପଦୀପ ନୈବେଦ୍ୟ ପ୍ରଦାନ କରି ପ୍ରଭୁ ମହାବୀରଙ୍କ ପୂଜାର୍ଚ୍ଚନା କରିବା ସହ ସାନିଧଲାଭ କରିଥିଲେ । ଏଥିରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ବିଜେଡ଼ିରେ ଯୋଗ ଦେଲେ କଂଗ୍ରେସ ସାଂସଦ ପ୍ରାର୍ଥୀ ମୋହନ ହେମ୍ବ୍ରମ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ସଂସଦୀୟ କ୍ଷେତ୍ରର ୨୦୧୯ ସାଧାରଣ ନିର୍ବାଚନର କଂଗ୍ରେସ ସାଂସଦ ପ୍ରାର୍ଥୀ ମୋହନ ହେମ୍ବ୍ରମ ଓ କଂଗ୍ରେସ ନେତା କୈଳାସ ମହନ୍ତ ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ତେଲକୋଇ ଓ କେନ୍ଦୁଝର ସଦର ପର୍ଯ୍ୟବେକ୍ଷକ ସଂଗ୍ରାମ ପାଇକରାୟ ଓ ବିଜେଡ଼ି ରାଜ୍ୟ ସମ୍ପାଦକ ଆଶିଷ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ମୋହନ ହେମ୍ବ୍ରମ ଓ କୈଳାସ ମହନ୍ତଙ୍କୁ ଡକ୍ଟର ପାତ୍ର, ଶ୍ରୀ ପାଇକରାୟ ଓ ଶ୍ରୀ ଚକ୍ରବର୍ତ୍ତୀ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ମୋହନ ହେମ୍ବ୍ରମଙ୍କଯୋଗଦାନ ଫଳରେ ବିଶେଷକରି କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀ ପାଇକରାୟ ଓ ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ମୋହନ ହେମ୍ବ୍ରମ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଢ଼ଙ୍ଗରେ କଂଗ୍ରେସର କର୍ମୀସମ୍ମିଳନୀ ଓ ମିଶ୍ରଣପର୍ବ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ରାଢଙ୍ଗ ଗ୍ରାମ ପଞ୍ଚାୟତରେ କଂଗ୍ରେସ ଦଳର କର୍ମୀସମ୍ମିଳନୀ ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି । ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱକୁ ଭରଷା କରି ବିଜେଡି ଓ ବିଜେପି ଦଳର ଅନେକ ଆଗ ଧାଡ଼ିର କର୍ମୀ କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ । ଇଂ ମଲ୍ଲିକ ତାଙ୍କୁ ଦଳୀୟ ଉତ୍ତରୀୟ ପକାଇ ଦଳକୁ ସ୍ୱାଗତ କରିଥିଲେ । ତତ୍‌ସହିତ ଆଗାମୀ ନିର୍ବାଚନରେ କିପରି ଦଳ ରାଢଙ୍ଗ ପଞ୍ଚାୟତରେ ସୁସଂଗଠିତ ହୋଇ ଲଢେଇ କରିବ ତା' ଉପରେ ଆଲୋଚନା ହୋଇଥିଲା । ନାରାୟଣ ନାୟକ, ସଞ୍ଜୟ ପାଳ, ଦୁର୍ଗାପ୍ରସାଦ ନାୟକ, ସତ୍ୟବ୍ରତ ଜେନା, ଚିତ୍ତରଞ୍ଜନ ନାୟକ, ପ୍ରମୋଦ ନାୟକ, ଶିଶିର ରାଉତ, ନିରୋଦ ନାୟକ, ଜଗନ୍ନାଥ ଜେନା, ରାକେଶ କୁମାର ପାଳ, ସ୍ୱସ୍ତି ଚନ୍ଦନ ପାଳ, ଅମର ପାଳ, ରବିନ ଜେନା, ଅଭିରାମ ମଲ୍ଲିକ, ଶୋଭାରାଣୀ ରାଉତ, ରଞ୍ଜନ ନାୟକ, ଶସାଙ୍କ ମୁଦୁଲି, ଅଭିମନ୍ୟୁ ସ୍ୱାଇଁ, ତପନ ନାୟକ, ଲକ୍ଷ୍ମୀଧର ନାୟକ, ଦେବାଶିଷ ରାଉତଙ୍କ ସମେତ ଅନେକ ବିଜେଡି ଓ ବିଜେପି କର୍ମୀ ଯୋଗଦେଇଥିଲେ । ଉକ୍ତ ବୈଠକରେ ବ୍ଲକ କଂଗ୍ରେସ ଉପ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପଞ୍ଚାୟତ କଂଗ୍ରେସ ସଭାପତି ମନୋଜ ବିଶ୍ୱାଳ, ବ୍ଲକ ଯୁବ କଂଗ୍ରେସ ସଭାପତି ଅମରେଶ ରାଉତ, ରମେଶ ଚନ୍ଦ୍ର ରାଉତ, ଅରୁଣ ଜେନା, ଶରତ ରାଉତ, ସୁଦାମ ପାଳ ହୃଷିକେଶ ରାଉତ, ବିଜୟ ରାଉତ, ପ୍ରଭାକର ଜେନା, ପ୍ରସନ୍ନ ସ୍ୱାଇଁ, କୁଳମଣି ବାରିକ, ନିମାଇଁ ରାଉତ, ରାମଚନ୍ଦ୍ର ମଲ୍ଲିକ, ସୁଧିର ରଞ୍ଜନ ବାରିକ, ବିକ୍ରମ ରାଉତ, ମନୋଜ ଜେନା, ପ୍ରିୟବ୍ରତ ଜେନା, ଜ୍ୟୋତି ପ୍ରକାଶ ରାଉତ, ବସନ୍ତ ନାୟକ, ଅନିଲ ସ୍ୱାଇଁ, ଶୈଳେନ୍ଦ୍ର ସ୍ୱାଇଁ, ବସନ୍ତ ରାଉତ, ସାରଦା ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ । ପ୍ରକାଶ ଥାଉକି ଗତ କିଛି ଦିନ ତଳେ ଉକ୍ତ ପଞ୍ଚାୟତରୁ ବିଜେଡି ଦଳକୁ ଆଗଧାଡ଼ିର ଯୁବ ସଂଗଠକ ଇଂ ମଲ୍ଲିକଙ୍କ ଉପରେ ଆସ୍ଥା କରି କଂଗ୍ରେସରେ ଯୋଗଦେଇ ଥିଲେ ।

## ହୋପ୍-ଏଜ୍ ପକ୍ଷରୁ ବିଶ୍ୱ ହାସ୍ୟ ଦିବସ ପାଳିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ହୋପ-ଏଜ ଟ୍ରଷ୍ଟ ପକ୍ଷରୁ ବିଶ ହାସ୍ୟ ଦିବସ ସ୍ଥାନୀୟ ସିଡିଏସ୍ତ ଆଶ୍ରୟ ଦି ସେଲଟର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଶିଷ୍ଟ ହାସ୍ୟଓବ୍ୟଙ୍ଗ ସ୍ରଷ୍ଟା ମାନେ ଯୋଗଦେଇ ଜୀବନରେ ସୁଖ ଶାନ୍ତି ପାଇଁ ହାସ୍ୟରସର ବିଶେଷ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ ଟ୍ରଷ୍ଟର ଅଧ୍ୟକ୍ଷ କିଶୋର ଶତପଥି । କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଟ୍ରଷ୍ଟର ଟ୍ରଷ୍ଟି ଡଃ ସତ୍ୟ ରାୟ, ମୁଖ୍ୟ ପୃଷ୍ଠପୋଷକ ଡଃ ଉମେଶ ଚନ୍ଦ୍ର ପଟ୍ଟନାୟକ, ଉପାଧ୍ୟକ୍ଷ ବିଜୟ ପୃଷ୍ଟି, ପୃଷ୍ଠପୋଷକ ଉତ୍କଳ ଭୂଷଣ ରାଉତରାୟ, କେଦାର ନାଥ ଜାଲି, ଇଂ କେ.କେ. ଦାସବର୍ମା, ନିତ୍ୟାନନ୍ଦ ମିଶ୍ର, ସୁଧାଂଶୁବାଳା ପଟ୍ଟନାୟକ, ମନୋରଞ୍ଜନ ମିଶ୍ର, ନକୁଳ ଚନ୍ଦ୍ର ମହାରଣା, ପ୍ରମିଳା ଦାସବର୍ମା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଟ୍ରଷ୍ଟ ସମ୍ପାଦକ ରଂଜିତ ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ । ଅନ୍ୟତମ ପୃଷ୍ଠପୋଷକ ସୁଜାତା ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇଞ୍ଜିନିୟରିଂ କଲେଜ ଛାତ୍ରଛାତ୍ରୀଙ୍କ ରକ୍ତଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



ପ୍ରବଳ ଗ୍ରୀଷ୍ମ ତାପରେ ରକ୍ତର ପ୍ରବଳ ଅଭାବ ହେତୁ ଥାଲାସେମିଆ ରୋଗୀ ଓ ଅନ୍ୟ ଗୁରୁତର ରୋଗୀ ମାନେ ରକ୍ତ ନପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୂର କରିବା ପାଇଁ ପିଏନଏସ୍ ସ୍କୁଲ ଅଫ୍ ଇନିୟରିଂ ଆଣ୍ଡ ଟେକ୍ନୋଲୋଜୀ ମେକାନିକାଲ ବିଭାଗର ଶେଷ ବର୍ଷର ଛାତ୍ରଛାତ୍ରୀ ଓ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗ ରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ୫୦ ୟୁନିଟରୁ ଅଧିକ ରକ୍ତ ସଂଗ୍ରହ କରାଯାଇଥିଲା । ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ସମାଜସେବୀମାନେ ରକ୍ତଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ନାୟକ, ମେକାନିକାଲ ଶାଖାର ମୁଖ୍ୟ ରମାକାନ୍ତ ନାୟକ, ଅଧ୍ୟାପକ ସୁନାକର ସିଂହ, ଅମରେନ୍ଦ୍ର ସାହୁ, ଇତିଶ୍ରୀ ଜେନା, ସନ୍ୟାସୀ ସ୍ୱାଇଁ, ଅମିତାବ ତ୍ରିପାଠୀ, ଚାରି ଟେବୁଲ ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସହଯୋଗ କରିଥିଲେ ।

## ଏକତା ମହିଳା ମଣ୍ଡଳ ପକ୍ଷରୁ ଜଳ ଛତ୍ର ଉଦ୍‌ଘାଟିତ



**ବ୍ରଜରାଜନଗର, ନ୍ୟୁଜ୍‌ବ୍ୟୁରୋ**

ବ୍ରଜରାଜନଗର ଖୋଲା ମୁହଁ କୋଇଲା ଖଣି ଇବ୍ ଭ୍ୟାଲି ଏରିଆ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତା ମହିଳା ମଣ୍ଡଳ ପକ୍ଷରୁ ଜଳ ଛତ୍ର ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଇବ୍ ଭ୍ୟାଲି ମହାପ୍ରବନ୍ଧକ ଅବୋଧ କିଶୋର ପାଣ୍ଡେ ଫିତା କାଟି ଶୁଭାରମ୍ଭ କରିଥିଲେ । ଭୀଷଣ ଖରା ଦାଉରୁ ଟିକିଏ ଆଶ୍ୱସ୍ତି ଦେବାପାଇଁ ଏକତା ମହିଳା ମଣ୍ଡଳ ର ସଭାପତି ରେଣୁ ପାଣ୍ଡେ, ଇତିଶ୍ରୀ ପୃଷ୍ଟି, ସବିତା ଶର୍ମା, ସୋନି ସିହ୍ନା, ଅଞ୍ଜୁ ସିଂହ, ସଞ୍ଜୁ ଲତା ସାହୁ, ରଜନୀ ତିରୀଙ୍କ ସହିତ ଅନ୍ୟ ସଭ୍ୟାମାନେ ଉପସ୍ଥିତ ରହି ଏହି ରାସ୍ତାରେ ଯାଉଥିବା ପଥିକ ଓ ଯାତାୟାତ କରୁଥିବା ଯାନବାହନକୁ ଅଟକାଇ ସେଥିରେ ଥିବା ଯାତ୍ରୀମାନଙ୍କୁ ପାନୀୟ ଜଳ, ସର୍ବତ, ଦହି ପାଣି ଓ ତରଭୁଜ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଇବ୍ ଭ୍ୟାଲି ଏରିଆର ସୁରକ୍ଷା କର୍ମୀ ପ୍ରଶାନ୍ତ କୁମାର ଦାସଙ୍କ ସହିତ ଅନେକ ସୁରକ୍ଷା କର୍ମୀ ସାହାଯ୍ୟ ସହଯୋଗ କରିଥିଲେ ।

## ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ଗରିବଙ୍କୁ ଛତା ବଣ୍ଟନ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ଛତା ବଣ୍ଟନ କରାଯାଇଛି । ସାରା ରାଜ୍ୟରେ ଗ୍ରୀଷ୍ମର ପ୍ରଭାବ ଜାରି ରହିଥିବାବେଳେ ଜଗତସିଂହପୁର ଜିଲ୍ଲାରେ ପ୍ରଭାବ ଜାରି ରହିଛି । ଲୋକମାନେ ୪୬ ଡିଗ୍ରୀ ତାପମାତ୍ରାରେ ଡହଳ ବିକଳ ହେଉଛନ୍ତି । ଗରିବ ଖଟିଖିଆ ଦିନ ମଜୁରିଆ, ରିକ୍ସା, ଟଲି ଚାଳକ, ଭିକ୍ଷା ବୃତ୍ତି କରୁଥିବା ଲୋକମାନେ ପେଟକୁ ଦାନା ମୁଠାଏ ପାଇଁ ଏହି ଉତ୍ତପ୍ତ ଖରାରେ ପ୍ରତ୍ୟେକ ଦିନ ମଜୁରି ଲାଗିବାକୁ ବାଧ୍ୟ ହେଉଛନ୍ତି । ଶ୍ରମିକ ଦିବସ ଅବସରରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା, ରଶ୍ମୀ ରଞ୍ଜନ ମହାନ୍ତି, ଦୈତାରୀ ଭୋଇ, ସୌମ୍ୟକାନ୍ତ ଦାସ, ପ୍ରଦିପ ଦାସ, ସନ୍ତୋଷ କରଣ, ସରୋଜ ସ୍ୱାଇଁ ପ୍ରମୁଖ ସହରରେ ବୁଲି ବୁଲି ଗରିବ ଦିନ ମଜୁରିଆ, ଟଲି, ରିକ୍ସା ଚାଳକ ଏବଂ ବୃଦ୍ଧ ବୃଦ୍ଧାମାନଙ୍କୁ ଖରାରୁ ରକ୍ଷା ପାଇବା ପାଇଁ ଛତା ବଣ୍ଟନ କରିଥିଲେ ।

30 YEARS
ସମ୍ବାଦ କଳିକା

# ସଙ୍କଟରେ ବିଶ୍ୱ ଅର୍ଥ ବ୍ୟବସ୍ଥା

ଇସ୍ରାଏଲ-ହମାସ ଯୁଦ୍ଧ ବିଶ୍ୱ ଅର୍ଥବ୍ୟବସ୍ଥା ଏବଂ ଏହାର ବିକାଶକୁ ବଡ଼ ଝଟକା ଦେଇପାରେ। ବିଶ୍ୱ ବ୍ୟାଙ୍କ ମୁଖ୍ୟ ଅଜୟ ବାଙ୍ଗା ଏହି ଚେତାବନି ଦେଇଛନ୍ତି। ସାଉଦି ଆରବରେ ଏକ ନିବେଶକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ବିଶ୍ୱ ଏବେ ଭୟଙ୍କର ମୋଡ଼ରେ ଛିଡ଼ାହୋଇଛି। ବିଶ୍ୱରେ ଏବେ ଯାହା କିଛି ହେଉଛି ତାହା ଅର୍ଥବ୍ୟବସ୍ଥାଗୁଡ଼ିକୁ ବଡ଼ ମାତ୍ରାରେ ପ୍ରଭାବିତ କରିବାକୁ ଯାଉଛି। ଭୁ-ରାଜନୈତିକ ସମସ୍ୟା ଦିନକୁ ଦିନ ଅଧିକ ଭୟଙ୍କର ହେଉଛି। ଏସବୁ ବିଶ୍ୱ ବିକାଶ ହାରକୁ ସଂକୁଚିତ କରିବ। ବାଙ୍ଗା କହିଛନ୍ତି ଯେ, ବିଶ୍ୱ ଅର୍ଥବ୍ୟବସ୍ଥା ପାଇଁ ସବୁଠାରୁ ବଡ଼ ବିପଦ ହେଉଛି ଭୁ-ରାଜନୈତିକ ସମସ୍ୟା। ଏହା ଯୋଗୁ ଆର୍ଥିକ ବିପତ୍ତି ବଢ଼ିଥାଏ। ଏହାକୁ ଅଣଦେଖା କରିବା ଉଚିତ ନୁହେଁ ।

ସୂଚନାଯୋଗ୍ୟ, ଇସ୍ରାଏଲ-ହମାସ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥବ୍ୟବସ୍ଥାରେ ଏବେ ଅନିଶ୍ଚିତତାର ମାହୋଲ, ଏହା ପ୍ରଭାବରେ ବିଶ୍ୱବ୍ୟାପୀ ସେୟାର ବଜାରଗୁଡ଼ିକରେ ହ୍ରାସ ଦେଖିବାକୁ ମିଳୁଛି। ଇସ୍ରାଏଲ-ହମାସ ଯୁଦ୍ଧ ପୂର୍ବରୁ ଅର୍ଥାତ ଅକ୍ଟୋବର ୬ରେ ଭାରତୀୟ ସେୟାର ବଜାର ସୂଚକାଙ୍କ ସେନ୍ସେକ୍ସ ୬୫,୯୯୬ ପଏଣ୍ଟରେ ଥିଲା, ଯାହା ଏବେ ୧,୪୨୫ ପଏଣ୍ଟ ସଂକୁଚିତ ହୋଇ ୬୪,୦୪୯ ପଏଣ୍ଟକୁ ଖସିଯାଇଛି। ଆଲୋଚ୍ୟ ସମୟରେ ଆମେରିକୀୟ ସେୟାର ବଜାର ୧୩,୪୩୧ ପଏଣ୍ଟରୁ ଖସି ୧୩,୦୧୮ ପଏଣ୍ଟକୁ ଆସିଯାଇଛି । କହିବାକୁ ଗଲେ ଅକ୍ଟୋବର ୭ରେ ହମାସ ଆତଙ୍କବାଦୀମାନେ ଗାଜା ପଟିରୁ ଇସ୍ରାଏଲରେ ଅନୁପ୍ରବେଶ କରି ମହିଳା ଏବଂ ଛୋଟ ଛୋଟ ପିଲାମାନଙ୍କ ସମେତ ୧୪୦୦ ଜଣଙ୍କୁ ହତ୍ୟା କରିଥିଲେ। ସେମାନେ ୨୨୨ ଜଣଙ୍କୁ ବନ୍ଧକ ବନାଇ ରଖିଛନ୍ତି। ଏହା ପରେ ଇସ୍ରାଏଲ ଗାଜା ପଟିରେ ପାଲଟା ଆକ୍ରମଣ କରି ୫,୦୦୦ରୁ ଅଧିକ ପାଲେଷ୍ଟାଇନ ନାଗରିକଙ୍କୁ ହତ୍ୟା କରିଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

(କ୍ରମଶଃ)

# ଶ୍ରୀଧର ଦାସଙ୍କ "ସଦୁକ୍ତି କର୍ଣ୍ଣାମୃତମ୍"



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସଦୁକ୍ତି କର୍ଣ୍ଣାମୃତମ୍ ତତ୍କାଳୀନ ବହୁ ଲୋକପ୍ରିୟ କବିମାନଙ୍କ କାବ୍ୟାଂଶର ସଂକଳନ ମାତ୍ର। ଲକ୍ଷ୍ମଣ ସେନଙ୍କ ରାଜସଭାର ସଭାକବି ଶ୍ରୀଧର ଦାସ ଏହାର ସଂକଳକ। ଲକ୍ଷ୍ମଣ ସେନଙ୍କ ପିତା ବଲାଳ ସେନକୃତ "ଦାନ ସାଗର" ନାମକ ଗ୍ରନ୍ଥରୁ ଜଣାଯାଏ ଯେ, ୧୦୯୧ ଶକାବ୍ଦ ବା ଖ୍ରୀ.ଅ. ୧୧୬୯ରେ ସଦୁକ୍ତି କର୍ଣ୍ଣାମୃତମ୍‌ର ସଂକଳନ ଆରମ୍ଭ ହୋଇ ଲକ୍ଷ୍ମଣ ସେନ୍‌ଙ୍କ ରାଜତ୍ୱର ସପ୍ତବିଂଶ ବର୍ଷରେ ଅର୍ଥାତ୍ ୧୧୨୭ ଶକାବ୍ଦ ବା ଖ୍ରୀ.ଅ. ୧୨୦୫ରେ ଶେଷ ହୋଇଥିଲା। ବଲାଳ ସେନ ରାଜା ହେବା ପରେ ତାହା ଆରମ୍ଭ ହୋଇଥିଲା।

ମାତ୍ର ଲକ୍ଷ୍ମଣ ସେନ ରାଜା ହେବାର ସମୟ ନିର୍ଣ୍ଣୟ ପାଇଁ ସର୍ବଦା ଦ୍ୱିମତ ଦେଖାଯାଏ। (୧) ବିଶ୍ୱ କୋଷାକାରଙ୍କ ମତରେ ଖ୍ରୀ.ଅ. ୧୧୭୦ରେ ସେ ସିଂହାସନ ଆରୋହଣ କରି ଖ୍ରୀ.ଅ. ୧୧୯୯ରେ ମୁସଲମାନମାନଙ୍କ ଦ୍ୱାରା ପରାଜିତ ହେବାପରେ ପଳାୟନ କରିଥିଲେ। (୨) ଅନ୍ୟ କେତେକଙ୍କ ମତରେ ୧୦୯୦ ଶକାବ୍ଦ ବା ୧୧୬୮ ଖ୍ରୀ.ଅ.ରେ ସେ ସିଂହାସନ ଆରୋହଣ କରିଥିଲେ। (୩) ପୁଣି କେତେକ ଖ୍ରୀ.ଅ. ୧୧୭୮/୮୪ରେ ସେ ସିଂହାସନରେ ବସି ଖ୍ରୀ.ଅ. ୧୨୦୪/୫ ପର୍ଯ୍ୟନ୍ତ ଶାସନ କରିଥିବାର କହିଥାନ୍ତି। ଯାହା ହେଉନା କାହିଁକି ସଦୁକ୍ତି କର୍ଣ୍ଣାମୃତମ୍ ସଂକଳନ ବଲାଳସେନଙ୍କ ରାଜତ୍ୱ କାଳରେହିଁ ଆରମ୍ଭ ହୋଇଥିଲା। ଏହି ସଂକଳନ ୫ଟି ପ୍ରବାହକୁ ନେଇ ବିଭକ୍ତ ହୋଇଛି। (୧) ଦେବ ପ୍ରବାହ, (୨) ଶୃଙ୍ଗାର ପ୍ରବାହ, (୩) ଚାଟୁ ପ୍ରବାହ, (୪) ଅପଦେଶ ପ୍ରବାହ ଓ (୫) ଉଚ୍ଚ ପ୍ରବାହ। ତନ୍ମଧ୍ୟରୁ ପ୍ରଥମ ଦେବ ପ୍ରବାହରେ ହିଁ ୫୯ତମ ବୀଚି ୪ର୍ଥ ଶ୍ଳୋକ ଭାବେ ଶ୍ରୀଗୀତଗୋବିନ୍ଦର ୭୮ତମ ଶ୍ଳୋକ "ଜୟଶ୍ରୀ ବିନ୍ୟସ୍ତୈର୍ମହିତଇବମନ୍ଦାରକୁସୁମୈଃ" ଇତ୍ୟାଦି ଏକାଦଶ ସର୍ଗର ସମାପ୍ତି ସୂଚକ ପଦ୍ୟ, ଦ୍ୱିତୀୟଶୃଙ୍ଗାର ପ୍ରବାହରେ ୧୩୨ତମ ବୀଚିର ୪ର୍ଥ ପଦ୍ୟ ରୂପେ ଶ୍ରୀଗୀତଗୋବିନ୍ଦର "ପ୍ରତ୍ୟୁହଃ ପୁଲାଙ୍କୁରେଣ ନିବିଡ଼ାଶ୍ଳେଷେ ନିମେଷେଣ ଚ" ଇତ୍ୟାଦି ଦ୍ୱାଦଶ ସର୍ଗର ସମାପ୍ତ ଦ୍ୱିତୀୟ ଶ୍ଳୋକ, ୩୭ତମ ବୀଚିରେ ୪ର୍ଥ ପଦ୍ୟରୂପେ ଶ୍ରୀଗୀତଗୋବିନ୍ଦର "ଅଙ୍ଗେଷ୍ୱାଭରଣଂ କରୋତି ବହୁଶଃ ପତ୍ରେଽପି ସଞ୍ଚାରିଣି" ଇତ୍ୟାଦି ଷଷ୍ଠ ସର୍ଗର ସମାପ୍ତି ଅବସ୍ଥାର ତୃତୀୟ ଶ୍ଳୋକ, ୧୩୪ତମ ବୀଚିର ୪ର୍ଥ ପଦ୍ୟ ରୂପେ ଶ୍ରୀଗୀତଗୋବିନ୍ଦର "ମାରାଙ୍କେ ରତି କେଳି ସଙ୍କୁଳରଣାରମ୍ଭେ ତୟା ସାହସ" ଇତ୍ୟାଦି ଶ୍ରୀଗୀତଗୋବିନ୍ଦର ଦ୍ୱାଦଶ ସର୍ଗର ଶ୍ଳୋକ, ୧୩୭ ବୀଚିର ୫ମ ପଦ ରୂପେ "ତସ୍ୟାଃ ପାଟଳ ପାଣିଜାଙ୍କିତମୁରେ ନିଦ୍ରା କଷାୟେ ଦୃଶୌ" ଇତ୍ୟାଦି ୫ମ ଶ୍ଳୋକ ଉଦ୍ଧୃତ ହୋଇଛି।

ଏଥିରୁ ଜଣାଯାଏ, ସଦୁକ୍ତି କର୍ଣ୍ଣାମୃତମ୍‌ର ପ୍ରଥମ ପ୍ରବାହରେ ହିଁ ଦ୍ୱାଦଶ ସର୍ଗ ବିଶିଷ୍ଟ ଶ୍ରୀଗୀତଗୋବିନ୍ଦର ସମାପ୍ତ ପ୍ରାୟ ଏକାଦଶ ସର୍ଗର ଶେଷ ଶ୍ଳୋକ ଉଦ୍ଧୃତ ହୋଇଛି। ତେବେ ବଲାଳ ସେନଙ୍କ ରାଜତ୍ୱରେ ଆରମ୍ଭ ହୋଇଥିବା ଏହି ସଂକଳନରେ ଏହା ନିଶ୍ଚିତ ଭାବେ ସନ୍ନିବେଶିତ ହୋଇଛି ଓ ବଲାଳ ସେନଙ୍କ ରାଜତ୍ୱ ପୂର୍ବରୁ ଏହାର ରଚନା ମଧ୍ୟ ସରିଯାଇଛି। ଲକ୍ଷ୍ମଣ ସେନଙ୍କ ରାଜତ୍ୱରେ ଶ୍ରୀଜୟଦେବଙ୍କ ଶ୍ରୀଗୀତଗୋବିନ୍ଦ ରଚନା ହୋଇଥିବା କହିବା ସର୍ବଦା ଅଯୁକ୍ତି କର।

ଶ୍ରୀଗୀତଗୋବିନ୍ଦରେ ସମୁଦାୟ ୭୨ଟି ଶ୍ଳୋକ। ସଦୁକ୍ତି କର୍ଣ୍ଣାମୃତମ୍‌ରେ ଥିବା ଶ୍ରୀଗୀତଗୋବିନ୍ଦର "ଜୟଶ୍ରୀ ବିନ୍ୟସ୍ତେ ର୍ମହିତେ ଇବ ମନ୍ଦାର କୁସୁମୈଃ" ଏକ ପ୍ରକ୍ଷିପ୍ତ ଶ୍ଳୋକ ଭାବେ ବିବେଚିତ। ଏହି ଶ୍ଳୋକଟି ୭୨ ଶ୍ଳୋକ ସହ ସନ୍ନିବେଶିତ ନଥିବାରୁ ଏହାକୁ ବହୁ ବ୍ୟାଖ୍ୟାକାର ଆଦୌ ଗ୍ରହଣ କରିନାହାନ୍ତି। ଶ୍ରୀଗୀତଗୋବିନ୍ଦରେ ପ୍ରକ୍ଷିପ୍ତ ଶ୍ଳୋକମାନ କିଭଳି ଭାବେ ସନ୍ନିବେଶିତ ହୋଇଛି ତାହା ଅନ୍ୟତ୍ର ଆଲୋଚିତ ହୋଇଛି।

ଏହି ପ୍ରକ୍ଷିପ୍ତ ଶ୍ଳୋକଗୁଡ଼ିକ କେବେ ସୃଷ୍ଟି ହୋଇ ମୂଳ ଶ୍ରୀଗୀତଗୋବିନ୍ଦ ସହ ସନ୍ନିବେଶିତ ହୋଇଛି, ତାହା ପ୍ରଥମତଃ ସ୍ଥିର କରିବାକୁ ହେବ। ଯଦି ଶ୍ରୀଗୀତଗୋବିନ୍ଦର ୪ ଗୋଟି ମୂଳ ଶ୍ଳୋକ ସହ ପ୍ରକ୍ଷିପ୍ତ ଶ୍ଳୋକ ସଦୁକ୍ତି କର୍ଣ୍ଣାମୃତମ୍‌ର ସଂକଳକ ଶ୍ରୀଧର ଦାସଙ୍କ ସମସାମୟିକ ହୋଇଥାନ୍ତା, ତେବେ ତାଙ୍କ ପରବର୍ତ୍ତୀ କାଳର ବ୍ୟାଖ୍ୟାକାରମାନଙ୍କଦ୍ୱାରା ଉପରୋକ୍ତ ଶ୍ଳୋକ ଆଦୌ ଉପେକ୍ଷିତ ହୋଇନଥାନ୍ତା। ଏଥିରୁ ଜଣାଯାଏ ଯେ, ସଦୁକ୍ତି କର୍ଣ୍ଣାମୃତ ରଚନାର ବହୁ ପରେ ଏହି ଶ୍ଳୋକ ସବୁ ସେଥିରେ ସନ୍ନିବେଶିତ ହୋଇଛି। ପୁଣି ଆଲୋଚନାକୁ ଆସେ ସେହି ସଦୁକ୍ତି କର୍ଣ୍ଣାମୃତମ୍‌ରେ ଶ୍ରୀଜୟଦେବଙ୍କ ନାମରେ ଭଣିତ ସେନ ରାଜାଙ୍କ ନିମନ୍ତେ କେତେକ ପ୍ରଶସ୍ତି ଶ୍ଳୋକ ସ୍ଥାନ ପାଇଛି, ସେଥିରୁ ବହୁ ଆଲୋଚିତ ଶ୍ଳୋକଟି ହେଲା:

"ଲକ୍ଷ୍ମୀକେଳିଭୂଜଙ୍ଗଜଙ୍ଗମହରେ ସଂକଳ୍ପକଳ୍ପଦ୍ରୁମ
ଶ୍ରେୟଃ ସାଧକସଙ୍ଗ ସଙ୍ଗରକଳାଗାଙ୍ଗେୟ ବଙ୍ଗପ୍ରିୟଃ।
ଗୌଡ଼େନ୍ଦ୍ର ପ୍ରତିରାଜ ରାଜକସଭାଳଙ୍କାର କର୍ଣ୍ଣାର୍ପିତ
ପ୍ରତ୍ୟର୍ଥିଃ କ୍ଷିତିପାଳ ପାଳକସତାଂ ଦୃଷ୍ଟୋଽସି ତୁଷ୍ଟାବୟଃ ॥"

ଏହାର ଅର୍ଥ ହେଲା– "ହେ ଲକ୍ଷ୍ମୀକେଳିକାରି ହରିଙ୍କ ଚଳନ୍ତି ପ୍ରତିମା! ହେ ଯାଚକମାନଙ୍କ ମନସ୍କାମନା ପୂରଣକାରୀ କଳ୍ପଦ୍ରୁମ! ହେ ମଙ୍ଗଳ ବିଧାୟକ! ହେ ଭୀଷ୍ମଙ୍କ ତୁଲ୍ୟ ରଣ ନିପୁଣ ମହାବୀର! ହେ ବଙ୍ଗବାସୀଙ୍କ ପ୍ରିୟ! ହେ ଗୌଡ଼ାଧିପ! ହେ ସାମନ୍ତ ରାଜଚକ୍ର ମୁକୁଟମଣି! ହେ ଶତ୍ରୁ ନୃପତି ବନ୍ଧନକାରୀ! ହେ ସଦାଶୟ! (ବର୍ତ୍ତମାନ) ଆପଣଙ୍କ ଦର୍ଶନ ଲାଭରେ ଆମ୍ଭେମାନେ ପରମ ସନ୍ତୋଷ ଲାଭ କଲୁ"।

ଶ୍ରୀଜୟଦେବ ସ୍ୱକୀୟ ଶ୍ରୀଗୀତଗୋବିନ୍ଦର ଆରମ୍ଭରେ ଉମାପତିଧର, ଗୋବର୍ଦ୍ଧନ, ଶରଣ ଓ ଧୋୟୀ କବିମାନଙ୍କ କବିତ୍ୱ ପ୍ରତି ତାତ୍ସଲ୍ୟତା ପ୍ରକାଶ କରି ନିଜ ଅମରକୃତି ଶ୍ରୀଗୀତଗୋବିନ୍ଦର ମହତ୍ତ୍ୱ ଦର୍ଶାଇଛନ୍ତି। ସେ କୌଣସି ରାଜଶକ୍ତିର ପ୍ରଶସ୍ତି ଗାନ ନକରି ଜଗଦୀଶ ଶ୍ରୀଜଗନ୍ନାଥଙ୍କର ଗୁଣଗାନ କରିଛନ୍ତି। ଉମାପତିଧର ଓ ଧୋୟୀଙ୍କ ଭଳି ରାଜାଶ୍ରିତ କବିମାନଙ୍କ କବିତ୍ୱକୁ କଟାକ୍ଷ କରିବା ସହଜ କଥା ନୁହେଁ। ଏଭଳି ଜଣେ ଭଗବତ ପ୍ରେମୀ ନିର୍ଭୀକ କବି ଆଲୋଚ୍ୟ ପ୍ରଶସ୍ତିର ରଚୟିତା ଆଦୌ ହୋଇନପାରନ୍ତି।

ପୁଣି ଶତ ଶତ ଶ୍ଳୋକ କବିପଣ୍ଡିତମାନେ ରଚନା କରି ଦାନ ଆଶାରେ ରାଜାମାନଙ୍କୁ ଦେଇଥାନ୍ତି। କୌଣସି ନବାଗତ ପଣ୍ଡିତ ରାଜସଭାରେ ଉପସ୍ଥିତ ହୋଇ ରାଜାଙ୍କ ସନ୍ତୋଷ ବିଧାନ ନିମନ୍ତେ ପ୍ରଶସ୍ତି କରିଥିଲେ ସେ କ'ଣ ସମ୍ପୃକ୍ତ ରାଜସଭାର ପଣ୍ଡିତ ହୋଇପାରନ୍ତି? ଉପରୋକ୍ତ ଶ୍ଳୋକରେ କେଉଁ ବଙ୍ଗପ୍ରିୟ ଗୌଡ଼େନ୍ଦ୍ରଙ୍କର ଏପରି ପ୍ରଶସ୍ତି ତାହା ମଧ୍ୟ ଉଲ୍ଲେଖ ନାହିଁ। ତେବେ ଶ୍ରୀଜୟଦେବ ଲକ୍ଷ୍ମଣ ସେନଙ୍କ ସଭାକବି ଭାବେ କିଭଳି ଚିହ୍ନିତ ହେଲେ?

ଉପରୋକ୍ତ ଶ୍ଳୋକ ଯଦି ଦ୍ୱାଦଶ ଶତାବ୍ଦୀରେ ରଚିତ ହୋଇଥିଲା ବୋଲି କୁହାଯାଉଛି, ତେବେ ଏହା କାହିଁକି ଜଣେ ଗଙ୍ଗ ରାଜଶକ୍ତିର ପ୍ରଶସ୍ତି ନହୋଇପାରେ? ଶ୍ଳୋକର ବଙ୍ଗପ୍ରିୟ ଶବ୍ଦର 'ବ' ସ୍ଥାନରେ 'ଗ' ସଂଯୋଗ ହେଲେ ଶବ୍ଦଟି 'ଗଙ୍ଗପ୍ରିୟ' ହେଉଛି। 'ଗାଙ୍ଗେୟ' ଗଙ୍ଗବଂଶ ସମ୍ଭୂତ ବୋଲି କାହିଁକି ବା ଅର୍ଥ ନ ହେବ? କଳିଙ୍ଗର ଗଙ୍ଗରାଜଶକ୍ତି "ଗୌଡ଼େଶ୍ୱର" ଉପାଧି ଧାରଣ କରିଥିବା କାହାକୁ ଅବିଦିତ ନୁହେଁ। ଏବେ ବି ସେହି ଉପାଧି ଓ ପ୍ରଶସ୍ତି ଓଡ଼ିଶାର ଗଜପତିଙ୍କ ନାମ ପୂର୍ବରୁ ଲଗାଯାଇଥାଏ। ଯଥା "ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର, ନବକୋଟୀ, କର୍ଣ୍ଣାଟୋତ୍କଳ, କଳବର୍ଗେଶ୍ୱର ବିରାଧିବୀରବର" ଇତ୍ୟାଦି। ପ୍ରତ୍ୟେକ ଉତ୍କଳୀୟଙ୍କ ଜନ୍ମପତ୍ରିକାରେ ଏପରି ଉପାଧି ସହିତ ଗଜପତି ମହାରାଜାଙ୍କ ନାମ ଓ ତାଙ୍କ ନାମରେ ପ୍ରଚଳିତ ଅଙ୍କ ବି ଲେଖାଯାଉଛି।

ଶତ ଶତ ପ୍ରଶସ୍ତିରେ ଅନ୍ୟ କୌଣସି ରାଜଶକ୍ତି "କଳିଙ୍ଗପ୍ରିୟ", "କର୍ଣ୍ଣାଟପ୍ରିୟ", ଗଙ୍ଗପ୍ରିୟ ଭଳି ଶବ୍ଦ ଉଲ୍ଲେଖ କରିଥିବା ଏପର୍ଯ୍ୟନ୍ତ ଦୃଷ୍ଟିକୁ ଆସିନାହିଁ। ପ୍ରଶସ୍ତିର 'ଗ' ସ୍ଥାନରେ 'ବ' ଶବ୍ଦକୁ ଲଗାଯାଇ ବଙ୍ଗ ରାଜଶକ୍ତିର ପ୍ରଶସ୍ତିକୁ ଶ୍ରୀଜୟଦେବଙ୍କ ନାମରେ ସେନ ରାଜାଙ୍କ ପ୍ରଶସ୍ତି ବୋଲି କୁହାଯାଉଛି। ଏଣୁ ଏହି ପ୍ରଶସ୍ତିର ରଚୟିତା ଆଦୌ ଶ୍ରୀଗୀତଗୋବିନ୍ଦର ପ୍ରଣେତା ଶ୍ରୀଜୟଦେବ ନୁହନ୍ତି।

ଭୁବନେଶ୍ୱରସ୍ଥ ମେଘେଶ୍ୱର ମନ୍ଦିର ଶିଳାଲିପିର ପଞ୍ଚଦଶ ଶ୍ଳୋକରେ ଗଙ୍ଗବଂଶ ସମ୍ଭୂତ ଅନିୟଙ୍କଭୀମଦେବଙ୍କ ପ୍ରଶସ୍ତିରେ ତାଙ୍କୁ ବଙ୍ଗେନ୍ଦ୍ର କୁହାଯାଇଛି।

ସଶ୍ରୀମାନନିୟଙ୍କଭୀମନୃପତିସାମ୍ରାଜ୍ୟଲକ୍ଷ୍ମୀପତିଃ
ପ୍ରତ୍ୟର୍ଥି କ୍ଷିତିପାଳମୌଳିତିଳକଃ ତ୍ୟକ୍ତାରିକାନ୍ତାଳକଃ।
ସଂପ୍ରାପୈବ ସମୁଦ୍ରମୁଦିତମହୀଚକ୍ରଂଧରାଗ୍ରସ୍ତୁର–
ଚକ୍ରଂ ଶକ୍ରପରାକ୍ରମ ସମକରୋଦ୍ ବଙ୍ଗେନ୍ଦ୍ର ଚନ୍ଦ୍ରଃ କ୍ଷଣାତ୍।୧୫।

ତେଣୁ କଳିଙ୍ଗର ଗଙ୍ଗବଂଶ ସମ୍ଭୂତ ସମ୍ରାଟମାନେ ବଙ୍ଗ ରାଜ୍ୟକୁ ମଧ୍ୟ ଦଖଲ କରି ବଙ୍ଗେନ୍ଦ୍ର ଉପାଧିରେ ଭୂଷିତ ହୋଇଥିଲେ।

ଉଦ୍ୟୋତ କେଶରୀଙ୍କ ମାତା କୋଳାବତୀ (ମହାଶିବ ଗୁପ୍ତ ଯଯାତିଙ୍କ ପାଟରାଣୀ) ଭୁବନେଶ୍ୱରଠାରେ ଥିବା ବ୍ରହ୍ମେଶ୍ୱର ମନ୍ଦିର ନିର୍ମାଣ କରି ନିଜ ବଂଶ ପ୍ରଶସ୍ତିର ୨୦ ପଂକ୍ତି ବିଶିଷ୍ଟ ଏକ ଶିଳାଲିପି ସେଠାରେ ସ୍ଥାପନ କରିଥିଲେ। ସେହିପରି ଅନନ୍ତ ବାସୁଦେବଙ୍କ ମନ୍ଦିରରେ ରାଣୀ ଚନ୍ଦ୍ରିକା ଦେବୀଙ୍କର ଶିଳାଲିପି ରହିଥିଲା। ଏହି ଦୁଇ ଶିଳାଲିପିକୁ ଅପହରଣ କରାଯାଇ କୋଲକତାସ୍ଥିତ Asiatic Research Societyକୁ ଖ୍ରୀ.ଅ. ୧୮୨୨ରେ ନିଆଯାଇଥିଲା। ମାତ୍ର ତାହା ଆଉ ଫେରସ୍ତ ନହେବାରୁ ସ୍ଥାନୀୟ ସେବକମାନଙ୍କ ପକ୍ଷରୁ ଏହାର ପ୍ରତିବାଦ କରାଗଲା। ଫଳରେ ଭବଦେବ ଭଟ୍ଟଙ୍କର ଅନ୍ୟ ଏକ ଶିଳାଲିପିକୁ ଆଣି ଅନନ୍ତ ବାସୁଦେବଙ୍କ ମନ୍ଦିରରେ ଲଗାଇ ଦିଆଗଲା। ସେତେବେଳେ ଏହାର ରହସ୍ୟ ଭୁବନେଶ୍ୱରର ସେବକମାନେ ବୁଝି ପାରିଲେନାହିଁ। ମାତ୍ର ସ୍ୱନାମଧନ୍ୟ ପ୍ରତ୍ନତତ୍ତ୍ୱବିତ୍, ଐତିହାସିକ ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟ ଏହି ସମସ୍ତ ଦୁଷ୍କର୍ମର କଥା ବୁଝିପାରି ପ୍ରବନ୍ଧଟିଏ ପ୍ରକାଶ କରିଥିଲେ। ଏହି ମୂଳ ଶିଳାଲେଖାର ନକଲ ଖ୍ରୀ.ଅ. ୧୮୩୮ରେ କିଟୋଙ୍କଠାରୁ ପାଇ ପ୍ରିନ୍‌ସେପ ପ୍ରକାଶ କରିଥିଲେ। ପରେ ରାଜେନ୍ଦ୍ର ଲାଲ୍ ମିତ୍ରଙ୍କଦ୍ୱାରା ତାହାର ପୁନଃ ପ୍ରକାଶ ଖ୍ରୀ.ଅ.୧୮୮୦ରେ ହୋଇଥିଲା। ଉକ୍ତ ଦୁଇଟି ଶିଳାଲିପି ମଧ୍ୟରୁ ବ୍ରହ୍ମେଶ୍ୱର ମନ୍ଦିର ଶିଳାଲିପିଟି ଲଣ୍ଡନସ୍ଥ ବ୍ରିଟିଶ ମ୍ୟୁଜିୟମ୍‌ରେ, କିନ୍ତୁ ଅନନ୍ତ ବାସୁଦେବଙ୍କ ମନ୍ଦିରସ୍ଥ ଶିଳାଲିପିର ଅସ୍ତିତ୍ୱ ବିଷୟରେ କହିବା ସମ୍ଭବପର ନୁହେଁ।

ଓଡ଼ିଶାର ସଂସ୍କୃତି ଓ କଳାକୁ ନଷ୍ଟ କରିବା ପାଇଁ ଯେଉଁ କେତେକ ଧାରାବାହିକ ଉଦ୍ୟମ ହୋଇ ଆସୁଥିଲା, ତାହାର ଏହା ଏକ ପ୍ରକୃଷ୍ଟ ପ୍ରମାଣ ଓ ସାଧାରଣ ପାଠକମାନେ ଏହା ବିଚାର କରିବାର କଥା।

ପ୍ରାଚୀନ ରାଜସ୍ଥାନୀ ଭାଷାରେ ଲିଖିତ "ପୃଥ୍ୱୀରାଜ ରାସୋ"ର ପ୍ରଣେତା ଚାନ୍ଦ ବରଦାଇ(ଚନ୍ଦ୍ରକବି) ସ୍ୱକୀୟ ଗ୍ରନ୍ଥରେ ଯେଉଁ ଆଠଜଣ କବିଙ୍କ ପଦାଙ୍କ ଅନୁସରଣ କରିଛନ୍ତି, ସେମାନଙ୍କ ମଧ୍ୟରେ ଅଷ୍ଟମ କବି ଭାବେ ଶ୍ରୀଜୟଦେବ ଅଛନ୍ତି।

କବି କଡି କିର୍ତ୍ତୀ ଭକତି ସୁଦିଖିଖୀ
ନିନୈକୀ ଉଜସ୍ତୀ କବିଚନ୍ଦ୍ର ଭଖିଖୀ
ଜୟଦେବ ଅଠଠଂ କବୀ କବିରାୟଂ
ଜିନୈଂ କେବଳଂ କିତ୍ତି ଗୋବିନ୍ଦ ଗାୟଂ(୧)

ରାଜପୁତ୍ କବି ଚାନ୍ଦ ବରଦାଇ ଦିଲ୍ଲୀ ଶେଷ ହିନ୍ଦୁ ସମ୍ରାଟ୍ ଚୌହାନ ବଂଶୀୟ ପୃଥ୍ୱୀରାଜ (ଖ୍ରୀ.ଅ. ୧୧୬୯-୧୧୯୨)ଙ୍କ ସମସାମୟିକ। ସମ୍ରାଟ୍ ପୃଥ୍ୱୀରାଜଙ୍କ ରାଜତ୍ୱର ବହୁ ଘଟଣା ତାଙ୍କ କୃତ ରାସୋରେ ଉଲ୍ଲେଖ ରହିଛି। ଏହାର ପ୍ରଥମ ସର୍ଗରେ ଶ୍ରୀଗୀତଗୋବିନ୍ଦର ଅନୁକରଣରେ ଦଶାବତାରଙ୍କ ବନ୍ଦନା କରାଯାଇଛି।

ଚାନ୍ଦ ବରଦାଇ ଗୌଡ଼ରାଜ ଲକ୍ଷ୍ମଣ ସେନ ଓ ସଦୁକ୍ତି କର୍ଣ୍ଣାମୃତମ୍ ସଂକଳକ ଶ୍ରୀଧର ଦାସଙ୍କ ସମସାମୟିକ। ତେବେ ସୁଦୂର ରାଜସ୍ଥାନ ଅଞ୍ଚଳରେ ଶ୍ରୀଗୀତଗୋବିନ୍ଦର ଲୋକପ୍ରିୟତା ପରେହିଁ ଚାନ୍ଦ ବରଦାଇ ଶ୍ରୀଜୟଦେବଙ୍କ ପ୍ରତି ସମ୍ମାନ ଦେଖାଇଛନ୍ତି। ପୃଥ୍ୱୀରାଜ ରାସୋ ସଂକଳନ ପୂର୍ବରୁ ଶ୍ରୀଗୀତଗୋବିନ୍ଦର ଲୋକପ୍ରିୟତା ବଢ଼ିଯାଇଥିଲା ଓ ତାହା ପୂର୍ବରୁ ଏହାର ରଚନା ସରିଥିବା ନିଶ୍ଚିତ। ଏଥିରୁ ଶ୍ରୀଜୟଦେବ ଲକ୍ଷ୍ମଣ ସେନ ବା ଶ୍ରୀଧର ଦାସଙ୍କ ସମସାମୟିକ କହିବା ଆଦୌ ସଙ୍ଗତ ନୁହେଁ।

ସୁଦୂର ରାଜସ୍ଥାନ ଅଞ୍ଚଳରେ ଶ୍ରୀଗୀତଗୋବିନ୍ଦ ଲୋକପ୍ରିୟ ହେବାର ମୁଖ୍ୟ କାରଣ ମଧ୍ୟରେ ରହିଛି ପୁରୀ-ଜଗନ୍ନାଥ ଧାମ। ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଆସୁଥିବା ତୀର୍ଥଯାତ୍ରୀମାନେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସେବାଭୁକ୍ତ ଶ୍ରୀଗୀତଗୋବିନ୍ଦ ସଙ୍ଗୀତର ଗାନ ଶୁଣି ଓ ଏଥିପ୍ରତି ଆକୃଷ୍ଟ ହୋଇ ସେମାନଙ୍କ ଅଞ୍ଚଳକୁ ଏହାକୁ ନେଇଥାଇପାରନ୍ତି। ତେବେ ଏହା ନିଶ୍ଚିତ ଯେ ଶ୍ରୀଜଗନ୍ନାଥଙ୍କ ସେବାରେ ଶ୍ରୀଗୀତଗୋବିନ୍ଦ ସ୍ଥାନ ପାଇବା ପରେ ବନାଗ୍ନି ଭଳି ଭାରତର ବିଭିନ୍ନ ଅଞ୍ଚଳକୁ ଏହା ବିସ୍ତାରିତ ହୋଇପାରିଥିଲା।

ଉକ୍ତ ଗ୍ରନ୍ଥରେ ବର୍ଣ୍ଣିତ ଅଛି ଯେ, କାନ୍ୟକୁବ୍ଜାଧୀଶ୍ୱର ଶ୍ରୀବିଜୟ ପାଳ ଦକ୍ଷିଣପଥ ବିଜୟ ସମୟରେ ଉତ୍କଳରେ ଉପଗତ ହୋଇ ଏଠାର ସୋମବଂଶୀ ରାଜାଧିରାଜ ଶ୍ରୀଜଗନ୍ନାଥଙ୍କ ଭକ୍ତ ମୁକୁନ୍ଦ ଦେବଙ୍କ ଆତିଥ୍ୟ ଗ୍ରହଣ କରିଥିଲେ। ବିଜୟ ପାଳଙ୍କ ଜ୍ୟେଷ୍ଠ ଦୌହିତ୍ର ମୁକୁନ୍ଦଦେବଙ୍କ କନ୍ୟାକୁ ବିବାହ କରିଥିବାର ଏଥିରେ ଉଲ୍ଲେଖ ଅଛି। ଚାନ୍ଦ ବରଦାଇ(ଚାନ୍ଦକବି) ସମ୍ଭବତଃ ତୀର୍ଥ ଦର୍ଶନ ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ଧାମ ପୁରୀ ଆସି ଶ୍ରୀମନ୍ଦିରରେ ଗାନ ହେଉଥିବା ଶ୍ରୀଗୀତଗୋବିନ୍ଦ ପ୍ରତି ଆକୃଷ୍ଟ ହେବାପରେ ତାହା ସୁଦୂର ରାଜସ୍ଥାନ ଅଞ୍ଚଳକୁ ଯାଇଛି ବା ଅନ୍ୟ କାହାଦ୍ୱାରା ଏହା ହୋଇପାରିଛି। ଦ୍ୱାଦଶ ଶତାବ୍ଦୀର ମଧ୍ୟଭାଗରେ ଆବିର୍ଭୂତ ବିଦ୍ୟାକର ପଣ୍ଡିତଙ୍କଦ୍ୱାରା ସଂଗୃହୀତ "ସୁଭାଷିତ ରତ୍ନକୋଷ" ନାମକ ଗ୍ରନ୍ଥରେ ଜନୈକ ଜୟଦେବଙ୍କଦ୍ୱାରା ଦୁଇଟି ଶ୍ଳୋକ ରହିଛି। ଏହାର ପ୍ରଶସ୍ତି ବ୍ରଜ୍ୟାର ୧୫୬୭ ଶ୍ଳୋକ ସଦୁକ୍ତି କର୍ଣ୍ଣାମୃତମ୍‌ର ୧୫୩୮ ଶ୍ଳୋକ ଭାବେ ସ୍ଥାନ ପାଇଛି। ଶ୍ରୀଗୀତଗୋବିନ୍ଦର ପ୍ରଣେତା ଶ୍ରୀଜୟଦେବ ଓ ସୁଭାଷିତ ରତ୍ନକୋଷର ଜୟଦେବ ଆଦୌ ଏକ ଲୋକ ନୁହନ୍ତି। ତେଣୁ ଲକ୍ଷ୍ମୀ କେଳିଭୁଜଙ୍ଗ, ତାଙ୍କଦ୍ୱାରା ଲେଖାଯାଇଥିବାର ସମ୍ଭାବନା।

ଜହ୍ଲଣ(ଖ୍ରୀ.ଅ. ୧୨୭୫)ଙ୍କ ବିରଚିତ ସୂକ୍ତିମୁକ୍ତାବଳୀର ମୁଖବନ୍ଧରେ ଲେଖା ଅଛି ଯେ ପ୍ରସନ୍ନ ରାଘବ ନାଟ୍ୟକାର 'ଲକ୍ଷ୍ମୀ କେଳି ଭୂଜଙ୍ଗ, ଶ୍ଳୋକଟି ସେନ ବଂଶୀୟ ରାଜା ଲକ୍ଷ୍ମଣ ସେନଙ୍କୁ ପ୍ରଶଂସା କରି ଲେଖିଛନ୍ତି।

ସଦୁକ୍ତି କର୍ଣ୍ଣାମୃତମ୍‌ର ସଂଗ୍ରାହକ ଶ୍ରୀଧର ଦାସ ଗ୍ରନ୍ଥ ସମାପ୍ତିରେ ଲେଖିଛନ୍ତି:

"ଶକେ ତ୍ର ସପ୍ତବିଂଶତ୍ୟଧିକ ଶତୋପେତଦଶଶତେ ଶରଦାମ୍
ଶ୍ରୀମଲ୍ଲକ୍ଷ୍ମଣସେନ କ୍ଷିତିପସ୍ୟ ରସୈକବିଂଶେଽବ୍ଦେ
ସବିତୁର୍ଗତ୍ୟା ଫାଲଗୁନବିଂଶେଷୁ ପରାର୍ଥହେତବେ କୁତୁକାତ୍
ଶ୍ରୀଧର ଦାସେନେଦଂ ସଦୁକ୍ତିକର୍ଣ୍ଣାମୃତଂ ଚକ୍ରେ।"

ଅର୍ଥାତ୍ ୧୧୨୭ ଶକାବ୍ଦ ବା ଖ୍ରୀ.ଅ. ୧୨୦୫ ରେ ଲକ୍ଷ୍ମଣସେନ ରାଜାଙ୍କ ସପ୍ତବିଂଶ ଅବ୍ଦରେ ସୌରମାନ ମାସ ଅନୁସାରେ ଫାଲ୍‌ଗୁନ ବିଂଶ ଦିବସରେ ବା ପରେ ପଣ୍ଡିତମାନଙ୍କ ଚିତ୍ତବିନୋଦନ ନିମନ୍ତେ କୌତୁକବଶତଃ ଶ୍ରୀଧର ଦାସ ଏହି ସଦୁକ୍ତି କର୍ଣ୍ଣାମୃତ ରଚନା କଲେ। ଏଥିରୁ ଜଣାଯାଏ, ରାଜା ଲକ୍ଷ୍ମଣ ସେନ ନିଜ ନାମରେ ଗୋଟିଏ ଅବ୍ଦ ଚଳାଇଥିଲେ। ୧୧୨୭ ଅବ୍ଦ ବା ୧୨୦୫ ଖ୍ରୀ.ଅ.ରେ ଯଦି ଲକ୍ଷ୍ମଣ ସେନଙ୍କ ୨୭ ଅବ୍ଦ ବା ୨୭ ବର୍ଷ ଶାସନ ହେଲା, ତେବେ ୧୨୦୫-୨୭=୧୧୭୮ ଖ୍ରୀ.ଅ.ରେ ଲକ୍ଷ୍ମଣ ସେନ ସିଂହାସନ ଆରୋହଣ କରିଥିଲେ।

# ମାତୃଶକ୍ତିର ସଶକ୍ତିକରଣରେ ଜାଗତିକ ଜାଗରଣ



କିଶୋର ଚନ୍ଦ୍ର ଜେନା
ପୂର୍ବତନ ବରିଷ୍ଠ ଅଧିକାରୀ
(ବି.ଏସ୍.ଏନ.ଏଲ) ଓ
ଆଇନଜୀବୀ
ମୋ: ୯୪୩୭୦୪୧୩୦୦

ସମାନତା ଏବଂ ସ୍ୱତନ୍ତ୍ରତା ମଣିଷର ଜନ୍ମଗତ ଅଧିକାର ତଥା ସ୍ୱ ଅଭିବୃଦ୍ଧିର ଅଭିଚ୍ଛେଦ୍ୟ ଅଙ୍ଗ । ମେଲିଣ୍ଡା ଫ୍ରେନ୍‌ଚ ଗେଟ୍‌ସଙ୍କ ଭାଷାରେ ମହିଳାମାନଙ୍କ ଉତ୍‌ଥାନ ମାନବତାର ଉତ୍‌ଥାନ ଅଟେ। ମା ଦୁର୍ଗାଙ୍କ ସ୍ତୋତ୍ରମ୍‌ରେ 'ଯା ଦେବୀ ସର୍ବଭୁତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମଃ ସ୍ତସ୍ୱୈ ନମଃସ୍ତସ୍ୱୈ ନମଃସ୍ତେସ୍ୱୈ ନମୋଃନମଃ''। ଲକ୍ଷ୍ମୀ ରୂପେଣ ସଂସ୍ଥିତା, ବିଦ୍ୟା ରୂପେଣ ସଂସ୍ଥିତା, କାୟା ରୂପେଣ ସଂସ୍ଥିତା ଇତ୍ୟାଦି ଇତ୍ୟାଦି ।

ମାତୃ ଜାତିକୁ ଆମ୍ଭେ ସନାତନ ଧର୍ମରେ ଶକ୍ତି ରୂପରେ ମାତୃରୂପରେ, ବିଦ୍ୟାର ପ୍ରବାହରେ, ଧନ ରତ୍ନ ଏବଂ ଐଶ୍ୱର୍ଯ୍ୟର ଆବାହନ ଆଦି ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧିର ମାନକ ରୂପେ ଆବାହନ କରିଥାଉ ।

ମାତୃଶକ୍ତିର ସଶକ୍ତିକରଣ ଜାଣିବା ପୂର୍ବରୁ ଆମ୍ଭେ ଜାଣିବା ଉଚିତ୍ ହେବ ଯେ, ସଶକ୍ତିକରଣର ଅର୍ଥ କ'ଣ? ସଶକ୍ତିକରଣର ଅର୍ଥ ହେଲା କୌଣସି ବ୍ୟକ୍ତି ତାହାର କ୍ଷମତାର ଆଧାରରେ ନିଜର ଜୀବନ ସହିତ ସମ୍ପର୍କ ଓ ସମସ୍ତ ନିର୍ଣ୍ଣୟ ସ୍ୱୟଂ ଗ୍ରହଣ କରିବାର ଯୋଗ୍ୟତା ହାସଲ କରିବା ବା ଅନ୍ୟ ଅର୍ଥରେ କହିବାକୁ ଗଲେ ଯେଉଁ ମହିଳା ପରିବାର ଏବଂ ସମାଜର ବନ୍ଧନରୁ ମୁକ୍ତି ପୂର୍ବକ ନିଜ ଜୀବନର ନିର୍ମାତା ନିଜେ ସାଜେ। ପ୍ରଥମ ଥର ଯଦି ଜଣେ ନାରୀ ନିଜର ନିର୍ଣ୍ଣୟ ନିଜେ ନବାକୁ ସମର୍ଥ ହୁଏ, ପରିବାର ଆଗେ ବଢ଼େ । ଗାଁ ମଧ୍ୟ ଆଗକୁ ବଢ଼େ ଏବଂ ରାଷ୍ଟ୍ର ବିକାଶର ଶିଖର ଛୁଏଁ । ଭାରତରେ ମହିଳାମାନଙ୍କୁ ସଶକ୍ତ କରିବାକୁ ହେଲେ ପ୍ରଥମେ ସମାଜରେ ସେମାନଙ୍କୁ ନାର୍ଯ୍ୟ ଅଧିକାର ଦେବା ଏବଂ ସେମାନଙ୍କର ମାନବିକ ମୂଲ୍ୟକୁ ଧ୍ୱଂସ କରୁଥିବା ତାମସ ଶକ୍ତିକୁ ଧ୍ୱଂସ କରିବାଟା ନିତାନ୍ତ ଜରୁରୀ। ଯଥା: ଯୌତୁକ ପ୍ରଥା, ଅଶିକ୍ଷା, ଯୌନ ଉତ୍ପୀଡ଼ନ ହିଂସା, ଅସମାନତା, ଭ୍ରୁଣ ହତ୍ୟା, ମହିଳାଙ୍କ ପ୍ରତି ଘରୋଇ ହିଂସା, ବଳାତ୍କାର, ବେଶ୍ୟାବୃତ୍ତି, ମାନବତସ୍କରୀ ଇତ୍ୟାଦି ଇତ୍ୟାଦି ।

ଅନ୍ୟ ମହିଳାଙ୍କୁ ସଶକ୍ତ କରିବା ଦିଗରେ ଶକ୍ତି ଆମ ସମସ୍ତଙ୍କ ପାଖରେ ଅଛି । ସେହି ମହିଳାଟି ଆପଣଙ୍କର ଭଗ୍ନୀ, ପତ୍ନୀ, ମା ଓ ବନ୍ଧୁ ହୋଇପାରନ୍ତି । ଆମ୍ଭମାନଙ୍କ ଭିତରେ କେହିବି ଆମ୍ଭମାନଙ୍କ କାର୍ଯ୍ୟ ଶୈଳୀରେ ଏବଂ ଉର୍ଜାଶକ୍ତର ପ୍ରୟୋଗରେ ଏମାନଙ୍କ ଭିତରୁ କାହାକୁବି ସଶକ୍ତ କରିପାରିବା । ମହିଳାମାନଙ୍କୁ ସଶକ୍ତ କରିବାର ଅର୍ଥ ହେଉଛି ସେମାନଙ୍କୁ ତାଙ୍କର ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ଏବଂ ତାଙ୍କର ସ୍ୱପ୍ନକୁ ସାକାର କରିବା ଏବଂ ଅଗ୍ରଗତି ପାଇଁ ତାଙ୍କ ସହିତ ଯୋଗାଯୋଗ କରିବା ଏବଂ ପ୍ରୋତ୍ସାହିତ କରିବା। ଯେତେବେଳେ ଜଣେ ଅନ୍ୟକୁ ସଶକ୍ତ କରାଏ, ସେତେବେଳେ ଆମ ସମସ୍ତଙ୍କ ପାଇଁ ଏହା ଗର୍ବର ବିଷୟ ହୋଇଥାଏ। ମହିଳାଙ୍କୁ ସମର୍ଥନ କରିବାର ଅର୍ଥ ହେଉଛି ସେମାନଙ୍କର ସ୍ୱ ଆତ୍ମବିଶ୍ୱାସର ଜାଗରଣ କରିବା। ମହିଳାମାନେ ନିଜର ଶକ୍ତି ଉପରେ ବିଶ୍ୱାସ କରିବା ଦରକାର ଏବଂ ଏ ଦିଗରେ ନିଜକୁ ବିଶ୍ୱାସ କରିବା ଆରମ୍ଭ କରିବା ଦରକାର । ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ପାଇଁ ନିଜ ଭିତରେ ଦୃଢ଼ତାର ଭାବ ପୋଷଣ କରିବା ଦରକାର ଏବଂ ଏଥିରେ କୃତକାର୍ଯ୍ୟ ମଧ୍ୟ ହେବା ଦରକାର। ଯେ କୌଣସି ମହିଳାଙ୍କୁ ସଶକ୍ତ କରିବାର ଅର୍ଥ କୌଣସି ପୁରୁଷକୁ ମଧ୍ୟ ଏଥିସହ ସଶକ୍ତ କରିବା। ଯେତେବେଳେ ଜଣେ ମହିଳା ଅନ୍ୟ ମହିଳାଙ୍କୁ ସଶକ୍ତ କରେ, ସେତେବେଳେ ସେ ମଧ୍ୟ ଜୀବନରେ ଶିକ୍ଷା ଗ୍ରହଣ କରେ ଯେ ନିଜକୁ କିପରି ସେ ନିଜେ ସଶକ୍ତ କରିପାରିବ । ମହିଳାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ସହଭାଗିତା, ଚିକିତ୍ସା ସହାୟତା, ରାଜନୈତିକ ଭାଗିଦାରୀ ଆଦି ଅଧିକାଂଶ କ୍ଷେତ୍ରରେ ଭେଦଭାବର ସାମନା କରିବାକୁ ପଡୁଛି, ଯାହା ଦର୍ଶାଉଛି ଯେ ବାସ୍ତବତାଠାରୁ ସେମାନେ କେତେ ଦୂରରେ!


ସାମାଜିକ ମାନଦଣ୍ଡ ଉପରେ ଆଧାରିତ ଲିଙ୍ଗଗତ ସମାନତା, ଲିଙ୍ଗଗତ ଦୃଶ୍ୟାନ୍ତର, ଲିଙ୍ଗଗତ ସହଭାଗିତା ଏବଂ ଲିଙ୍ଗଗତ ଅଭିବ୍ୟକ୍ତି ଉପରେ ରଢ଼ିବାଦୀମାନଙ୍କର ମତପୋଷଣକୁ ଏବଂ କାର୍ଯ୍ୟାବଳୀକୁ ସମାପ୍ତ କରିବା ଦରକାର, ଯାହାଫଳରେ ନାରୀମାନଙ୍କର ଏହି ସବୁକ୍ଷେତ୍ରରେ ସ୍ୱତଃସ୍ଫୁର୍ତ୍ତଃ ଆଗ୍ରହ ପ୍ରକାଶ ପାଇବ ଏବଂ କାର୍ଯ୍ୟଦକ୍ଷତାକୁ ପ୍ରମାଣିତ କରିବ । ସମାନତା ଏବଂ ସ୍ୱତନ୍ତ୍ରତା ମଣିଷର ଜନ୍ମଗତ ଅଧିକାର ଏବଂ ସ୍ୱ ଅଭିବୃଦ୍ଧିର ଅଭିଚ୍ଛେଦ୍ୟ ଅଙ୍ଗ ମଧ୍ୟ ।

ମହିଳା ସଶକ୍ତିକରଣ କ'ଣ ପାଇଁ ଦରକାର? ଏହା ଏଇଥିପାଇଁ ଦରକାର କାରଣ ନାରୀମାନଙ୍କର ଲିଙ୍ଗଗତ ଭେଦଭାବ ରାଷ୍ଟ୍ରରେ ସାଂସ୍କୃତିକ, ସାମାଜିକ, ଆର୍ଥିକ ଏବଂ ଶୈକ୍ଷିକ ଅନ୍ତର ଜାଗ୍ରତ କରାଏ । ଯାହା ଦେଶ ପ୍ରଗତିର ପଥକୁ ରୁଦ୍ଧ କରି ବହୁ ପଛକୁ ନେଇଯାଏ । ଭାରତ ସମ୍ବିଧାନରେ ଉଲ୍ଲିଖିତ ସମାନତାର ଅଧିକାରକୁ ସୁନିଶ୍ଚିତ କରିବାପାଇଁ ମହିଳାଙ୍କୁ ସଶକ୍ତି କରିବା ସବୁଠାରୁ ବଡ଼ ଏବଂ ପ୍ରଭାବଶାଳୀ ଉପାୟ ଅଟେ । ଲିଙ୍ଗଗତ ସମାନତାର ପ୍ରାଥମିକତା ଏବଂ ପ୍ରଦାନତା ଦ୍ୱାରା ପୁରା ଭାରତରେ ମହିଳାମାନଙ୍କର ସଶକ୍ତିକଣରର ଅଭିବୃଦ୍ଧିର ବିକାଶ ଘଟିବା ସହିତ ଦେଶର ବିକାଶକୁ ତ୍ୱରାନ୍ୱିତ କରିବା ।

ସବୁଠାରୁ ବଡ଼ କଥା ହେଲା ମହିଳାମାନଙ୍କର ଶାରୀରିକ, ମାନସିକ ଏବଂ ସାମାଜିକ କ୍ଷେତ୍ରରେ ବିକାଶ ଘଟିବା ସହିତ ସେମାନଙ୍କୁ ମଜଭୁତ ପ୍ରଦାନ କରିବା। ଗୋଟିଏ ଭଲ ଶିକ୍ଷା ବ୍ୟବସ୍ଥା ହିଁ ଗୃହରୁ ଆରମ୍ଭ ହୋଇଥାଏ ଏବଂ ସେମାନଙ୍କର ଅଭିବୃଦ୍ଧି ପାଇଁ ଏକ ସୁସ୍ଥ ପରିବାର ଆବଶ୍ୟକତା ନିତାନ୍ତ ଜରୁରୀ। ଯାହା ରାଷ୍ଟ୍ରର ବିକାଶ ଦିଗରେ ସାହାଯ୍ୟ କରେ । ଆଜି ମଧ୍ୟ ବହୁତ ପାହାଡ଼ିଆ ଏବଂ ଅନୁନ୍ନତ ଗ୍ରାମର ଗରୀବ ମଣିର ଅବସ୍ଥା ଯୋଗୁଁ ମାତା ପିତାଙ୍କର ଶିକ୍ଷା, ମହିଳାଙ୍କୁ କମ୍ ବୟସରେ ବିବାହ କରିଦେବା ଏବଂ ଅଳ୍ପ ବୟସରେ ପିଲା ଜନ୍ମ କରିବା ଆଦି ବହୁଳ ଭାବରେ ଦେଖାଯାଉଛି । ସେଥିପାଇଁ ସେମାନଙ୍କୁ ଆର୍ଥିକ ସ୍ୱଚ୍ଛଳତା ପ୍ରଦାନ ସହିତ ଶିକ୍ଷାର ବିକାଶ ଧାରା ସହିତ ଯୋଡ଼ିବା।

ମହିଳାଙ୍କ କାନୁନ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସଂସଦ ଦ୍ୱାରା ପାସ୍ ହୋଇଥିବା ପ୍ରମୁଖ ଅଧିନିୟମ ହେଲା- ପାରିଶ୍ରମିକ ଆକ୍ଟ-୧୯୭୬, ଯୌତୁକ ପ୍ରଥା ଉଚ୍ଛେଦ ଅଧିନିୟମ- ୧୯୬୧, ଅନୈତିକ ବେପାର ଉଚ୍ଛେଦ ୧୯୫୬, ପ୍ରେଗ୍ନାନସି ଆକ୍ଟ ୧୯୮୭, ବାଲ୍ୟ ବିବାହ ଆଇନ ୨୦୦୬, ଲିଙ୍ଗ ନିରୂପଣ ଆକ୍ଟ ୧୯୯୪, କାର୍ଯ୍ୟାଳୟ ସ୍ଥଳରେ ମହିଳାଙ୍କୁ ଯୌନ ଶୋଷଣ ଆକ୍ଟ, ମହିଳା ଆରକ୍ଷଣ ଆକ୍ଟ ୨୯ ସେପ୍ଟେମ୍ବର ୨୦୨୩ ଆଦି ପ୍ରମୁଖ। କିନ୍ତୁ ୨୬ ସେପ୍ଟେମ୍ବର ୨୦୨୩ ହେଉଛି ଏକ ଐତିହାସିକ ଦିବସ। ଏହି ସ୍ୱର୍ଣ୍ଣିମ ଦିବସରେ ମହିଳା ଆରକ୍ଷଣ ବିଲ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହୋଇ ମହିଳାମାନଙ୍କୁ ୩୩% ଆରକ୍ଷଣର ସୁବିଧା ଉପଲବ୍‌ଧ ହେଲା। ବର୍ତ୍ତମାନର ସରକାରଙ୍କର ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ଏହା ଏକ ଐତିହାସିକ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଭାରତରେ ମାତୃଶକ୍ତିର ଉତ୍‌ଥାନ ପାଇଁ ଉପର ବର୍ଣ୍ଣିତ ପଦକ୍ଷେପଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ହିଁ ନାରୀଜାତିର ଜାଗତିକ ଜାଗରଣ ଦିଗରେ ନୂତନ ଆଲୋକବର୍ତ୍ତିକା ସାଜିବ।

# ମା'ଗାଳି ଦାଣ୍ଡ ଧୂଳି



ସଲିଳା ତ୍ରିପାଠୀ
ହନୁମାନଗଦୀ, ବୋଲଗଡ
ମୋ-୮୭୬୩୭୮୮୬୧୪

ବାର୍ଦ୍ଧକ୍ୟ କିମ୍ବା ପ୍ରୌଢ଼ତ୍ୱର ଶେଷାବସ୍ଥାରେ ଯଦି ମା' କଥା ମନେପଡେ ତେବେ ପ୍ରାୟ ସମସ୍ତଙ୍କର ଆପାତତଃ ଏକ ଦୀର୍ଘଶ୍ୱାସ ହୃଦୟ ଭିତରୁ ବାହାରିପଡେ । ନିଜଠାରୁ କମ୍ ଶିକ୍ଷିତ ଆଉ ଗୃହକାର୍ଯ୍ୟରେ ବ୍ୟସ୍ତ ରହି ପରିବାରର ସମସ୍ତଙ୍କୁ ସଫଳ କରିବା ଦିଗରେ ନିୟୋଜିତ ହୋଇଥିବା ମୁହଁଟି ସେଇ ମା' । ମା'ର ବିଭିନ୍ନ ରୂପ ରହିଛି ଯାହା ପିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ଦିଷ୍ଟ । ମାତୃଗର୍ଭରୁ ଆରମ୍ଭ କରି ମା'ର ଜୁଇ ଯାଏ ପିଲା ପାଇଁ ମଙ୍ଗଳ କାମନା କରିବା ସତେ ଯେପରି ମା' ମାନଙ୍କର ଅସ୍ଥିମଜ୍ଜା ଗତ ହୋଇଥାଏ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ବିଭିନ୍ନ କାରଣରୁ ପିଲାଟି ପାଇଁ ଭୋକ ଉପାସରେ ରହିବା ଠାରୁ ଆରମ୍ଭ କରି ନିଦ୍ରାକୁ ମଧ୍ୟ ତ୍ୟାଗ କରିବାରେ ମା'ର ଅବଦାନ ଅନ୍ୟ ସମସ୍ତଙ୍କ ଠାରୁ ଭିନ୍ନ । ଶିଶୁଟି ଛୋଟ ଥିଲାବେଳେ ତା'ର ଦରୋଟି କଥାର ମାୟାରେ ପଡି ଦୁନିଆଁର ସବୁ ଦୁଃଖକୁ ଭୁଲିଥାଏ ସେଇ ମାଆ । ଜୀବନର ସମସ୍ତ ଘାତପ୍ରତିଘାତକୁ ସହ୍ୟ କରି ଶିଶୁଟିକୁ ସମାଜରେ ପ୍ରତିଷ୍ଠିତ କରିବା ପାଇଁ ସେ ଲଢ଼େଇ କରିବା ପାଇଁ ଆଗେଇ ଆସେ। ପିଲାଦିନେ ମା' ପଛରୁ ଡାକି ଦେଇ ଶୁଭ ହେବ ବୋଲି କହିଦେଇଥାଏ ଯାହାକୁ ବିନା ଦ୍ୱିଧାରେ ବିଶ୍ୱାସ କରାଯାଏ । ସାରା ପୃଥିବୀ ଗୋଟିଏ ପଟେ ଥିଲାବେଳେ ମା' ହିଁ ପିଲାର ଅନ୍ତରାତ୍ମାକୁ ବିଶ୍ୱାସ କରିଥାଏ । କଥାରେ ଅଛି ମା'ର ଗାଳି ଓ ମାଡ଼ ଯିଏ ସହିନି ସିଏ ବଡ ମଣିଷ ହୋଇପାରେ ନାହିଁ । ସମୟ ଅନୁଯାୟୀ ଏଇ ମାଡ, ଗାଳିର ପରିମାଣ କମେ ଆଉ ପିଲାମାନେ ମଧ୍ୟ ମା'କୁ ହାତଧରି ବାଟ ଚଲାନ୍ତି । ପିଲାଙ୍କୁ ଉଚିତ୍ ମାର୍ଗ ଦେଖାଇବା ପାଇଁ ମା' ମାନଙ୍କୁ ମଧ୍ୟ କଠିନ ହେବାକୁ ପଡିଥାଏ ଏକଥା କାହାକୁ ଅଛପା ନୁହେଁ। ବାଲ୍ୟାବସ୍ଥାରେ ମା'ର ହୃଦୟକୁ ବୁଝିପାରିଲା ଭଳି ବୁଝାମଣା ବୋଧହୁଏ କୌଣସି ପିଲାର ନଥାଏ । ସେଥିପାଇଁ ସମସ୍ତେ କହନ୍ତି ନିଜେ ବାପା ମା' ହେଲେ ବୁଝିବୁ ଯାହା ନିରାଟ ସତ୍ୟ ବୋଲି ପରବର୍ତ୍ତୀ ଅବସ୍ଥାରେ ପ୍ରମାଣିତ ହୋଇଥାଏ । ପିଲାଟିକୁ ସଠିକ୍ ମଣିଷ ଭାବେ ଗଢ଼ି ତୋଳିବା ପାଇଁ ଶାସ୍ତ୍ରରେ ମଧ୍ୟ ଅନେକ ବିଧି ରହିଛି । ଯେପରି ୫ ବର୍ଷ ପର୍ଯ୍ୟନ୍ତ ଲାଳନପାଳନ ତା'ପରେ ତାଡନ ଅର୍ଥାତ୍ ଆବଶ୍ୟକ ସ୍ଥଳେ ମାଡ ମାରିବା ଏବଂ ୧୬ ବର୍ଷ ପରେ ଧୀରେ ଧୀରେ ପିଲାଟିକୁ ବନ୍ଧୁ ଭାବରେ ଗ୍ରହଣ କରିନେବା ଉଚିତ୍ । ସାଧାରଣ ଭାବେ ପିଲାଟିକୁ ମାରିବା ଅନୁଚିତ୍ ବୋଲି ବିଜ୍ଞ ଓ ବୟୋଜ୍ୟେଷ୍ଠ ମାନେ ମତାମତ ଦେଇଥାନ୍ତି କାରଣ ମାଡ ଏକ ନକରାତ୍ମକ ଶାସନ । କିନ୍ତୁ ମା'ର ପରିବେଶ ଓ ବିବଶତା ବେଳେ ବେଳେ ତାକୁ ଏପରି କାର୍ଯ୍ୟ କରିବା ପାଇଁ ବାଧ କରିଥାଏ । ଏଥିନିମନ୍ତେ ଆମ ସମାଜର ବିଧିବ୍ୟବସ୍ଥା କଥା ଭାବିଲେ ଦୁଃଖ ଲାଗେ । ମା' କ'ଣ ଯେମିତି ଚାହିଁବ ପିଲାଟିକୁ ତା' ଇଚ୍ଛା ମୁତାବକ ଗଢ଼ିପାରିବ । କୁନି ପିଲାଟିଏ ଆବେଗ ବଶତଃ ତା' ମା'କୁ କହେ "ମା' ମୁଁ ବଡ ହେବାକୁ ଚାହୁଁନି ।" ଯାର ଅର୍ଥ ଏୟା ଯେ ସେ ପାଠ ପଢ଼ିବା କିମ୍ବା କୌଣସି ବାଧ୍ୟବାଧକତାରେ ବାନ୍ଧି ହେବାକୁ ଚାହୁଁନି । ହେଲେ ସେ କ'ଣ ବୁଝିଛି ମା' ଯେ ନାଚାର । ମା' ଚାହିଁଲେ ବି ତାକୁ ଏ ଶୃଙ୍ଖଳ ଭିତରୁ ଉଦ୍ଧାର କରିପାରିବନି । ସେ ନିଜେ ବି ତ ଗୋଟେ ଶୃଙ୍ଖଳ ଭିତରେ ବନ୍ଧା । ଅତି ସହଜରେ କୈଶୋର ଅବସ୍ଥାରେ ପିଲାଟିଏ କହିଦେବ "ମା' ତୁ ମତେ କାହିଁକି ଜନ୍ମକଲୁ ।" କିନ୍ତୁ ସେ ବୁଝେନି ସାରା ବିଶ୍ୱର କୌଣସି ମା' ପାଖରେ ସେ ଉତ୍ତର ନାହିଁ । ମା' କେବଳ ଗୋଟିଏ ଶବ୍ଦ ନୁହେଁ । ମା' ଅନେକ ତାତ୍ପର୍ଯ୍ୟର ସମ୍ଭାର । ମା' ମଧ୍ୟ କେତେଗୁଡିଏ ଦାୟିତ୍ୱବୋଧ ଆଉ କର୍ତ୍ତବ୍ୟର ସୂଚୀପତ୍ର । ସେଇ ମା' କେତେବେଳେ ଦୋଷୀ ହୋଇଯାଏ ପକ୍ଷପାତିତାର କୋର୍ଟକଚେରୀ ମଧ୍ୟରେ ସନ୍ତାନ ମାନଙ୍କର ଆଶା ଓ ନିରାଶାର ଦୋଛକିରେ । ସଫଳତାର ଶୀର୍ଷରେ ପହଞ୍ଚିଲା ପରେ କେବଳ ମା'ର ପ୍ରତିମୂର୍ତ୍ତୀ ହୋଇପାରେ କିନ୍ତୁ ଗାଳି ଦେବାକୁ ମା' ଆଉ ପାଖରେ ନଥାଇପାରେ । ସମୟ ସମୟରେ ମା' ନିଜର ଭାବପ୍ରବଣତାରେ ଅନ୍ଧ ହୋଇ ପିଲାକୁ ଠିକ୍ ରାସ୍ତା ଦେଖାଇ ନଥାଏ ଯେଉଁଥିପାଇଁ ମା'ମାନେ ବି କଳଙ୍କ ମୁଣ୍ଡେଇବାକୁ ବାଧ ହୁଅନ୍ତି । ମା' କ'ଣ ସିଏ ଯିଏ କେବଳ ପିଲାର ପେଟକୁ ବୁଝେ । ମାଆ ତ ପିଲାର ମନକୁ ବୁଝେ ଏବଂ ତାକୁ ଭୁଲ୍ ଠିକ୍‌ର ବିଚାରକୁ ଶିଖାଇଥାଏ । ସେଥିପାଇଁ ତାକୁ କଣ୍ଟାର ପଥରେ ବାଟ ଚାଲିବାକୁ ପଡେ ଅର୍ଥାତ୍ ନିଜକୁ ଉଚିତ୍ ମାର୍ଗରେ ଶାସନ କରିବାକୁ ପଡେ ଯାହାଦ୍ୱାରା ସେ ନିଜର ପିଲାଟିକୁ ଉଦାହରଣ ଦେଇପାରିବ । ଇତିହାସରେ ଅନେକ ଉଦାହରଣ ରହିଛି ଯାହା ମା'ର ଗୁଣକୁ ମହନୀୟ କରିଛି । ବିବେକାନନ୍ଦ, ଗାନ୍ଧିଜୀ ଏବଂ ଅନେକ ମହାପୁରୁଷ ବାଲ୍ୟାବସ୍ଥାରେ ମା'ର ଶାସନ ପାଇଁ ପରବର୍ତ୍ତୀ ଅବସ୍ଥାରେ ପୃଥିବୀ ବିଖ୍ୟାତ ପାଲଟି ଥା'ନ୍ତି । ପ୍ରକୃତରେ ଏହା ଏକ ଜୈବିକ ବିଧିବ୍ୟବସ୍ଥା ଅର୍ଥାତ୍ ଆମେ ଯେତେବେଳେ ଛୋଟ ଥାଉ ଆମକୁ ଲାଗେ ଆମେ ଅଯଥାରେ ଶାସନ ହେଉଛୁ ଆଉ ବାପ ମା' ହେଲା ପରେ ଲାଗେ ଉପଯୁକ୍ତ ଶାସନ ନିତାନ୍ତ ଆବଶ୍ୟକ । ଖୁବ୍ କମ୍ ବାପ ମା' ଆପେ ଆପେ ଗୋଟିଏ ଗଢ଼ି ହୋଇଥିବା ଛୁଆକୁ ପାଇଥାନ୍ତି । ତାଙ୍କୁ ଅତ୍ୟନ୍ତ ପରିଶ୍ରମ କରିବାକୁ ନ ପଡିପାରେ। ଏ ସଂପର୍କରେ ଗୋଟିଏ କାହାଣୀ ରହିଛି। ମୃତ୍ୟୁଦଣ୍ଡ ପାଇବାକୁ ପାଇବାକୁ ଯାଉଥିବା ବେଳେ ଗୋଟିଏ ଦୋଷୀ ଯୁବକ ତା'ର ମା'କୁ ଶେଷ ଦେଖା କରିବା ପାଇଁ ଇଚ୍ଛା କଲା । ମା' ଆସିଲା ପରେ ସେ ତାକୁ ଅତି ନିକଟକୁ ଡାକି ତା'ର କାନକୁ କାମୁଡି ଦେଲା ଏବଂ ଦୁଃଖ ଓ ବିବଶ ଭାବରେ କହିଲା ଯେ "ମା' ମୋର ଆଜିର ଏଇ କରୁଣ ପରିଣତି ପାଇଁ ତୁ ହିଁ ଦାୟୀ ।" ସାରା ଜୀବନ ମା'ଟି ଦୋଷୀ ସାବ୍ୟସ୍ତ ହୋଇଗଲା କାରଣ ସେ ବାଲ୍ୟାବସ୍ଥାରେ ତାକୁ ଗଠନମୂଳକ ଶିକ୍ଷା ଦେଇନାହିଁ । ମା' ନିଜକୁ କାଠଗଡା ଭିତରେ ରଖି ପିଲାକୁ ନିର୍ଦ୍ଦୋଷ କରିପାରିବାର ସାହସ କରିଥାଏ । ତେଣୁକରି ମା'ର ଅବଦାନ, ସାହସିକତା ନିର୍ଭୀକତା ସର୍ବଦା ଅତୁଳନୀୟ । ଯୁଗ ବଦଳିଯାଇଛି ମା'କୁ ଖୁସି କରିବାକୁ ମାତୃଦିବସ ପାଳନ କରାଯାଉଛି । ହେଲେ ମା' କ'ଣ ଚାହେଁ ତାହା ବୁଝିବାକୁ ସମସ୍ତେ ଭୁଲି ଯାଆନ୍ତି । ସେ କୌଣସି ନିର୍ଦ୍ଦିଷ୍ଟ ଦିନଟିକୁ ତା' ନାଆଁରେ ପାଳନ କରାଯିବାକୁ ହୁଏ ତ ଚାହେଁନି ଯଦିଓ ସ୍ଥଳବିଶେଷରେ ଖୁସି ହୁଏ । ମା' ତ ଛାତିରେ ପଥର ରଖି ହଜାର ହଜାର ମାଇଲ ଦୂରତାରେ ଥିବା ତା'ର ସନ୍ତାନର ଖୁସିରେ ଆନନ୍ଦିତ ହୋଇଥାଏ । ଯେଉଁ ମା'ମାନେ ନିଜର ସାମୟିକ ସ୍ୱାର୍ଥ ଓ ଅହଙ୍କାର ପାଇଁ ପିଲାମାନଙ୍କର ବାସ୍ତବ ଖୁସିକୁ ବୁଝିପାରନ୍ତି ସେମାନେ ହୁଏତ ଜନ୍ମଦାତ୍ରୀ ହୁଅନ୍ତି କିନ୍ତୁ ମା' ହୋଇପାରନ୍ତିନି। ତା' ଛଡା ଯିଏ ପ୍ରକୃତରେ ମା' ହୋଇଥାଏ ସିଏ ସାରା ବିଶ୍ୱର ଶିଶୁ ଆପଣେଇବାର କ୍ଷମତା ରଖିଥାଏ । ଅତଏବ ମା'ର ଗାଳିକୁ ଦାଣ୍ଡଧୂଳି ପରି ମନେକରି ଆଗକୁ ବାଟ ଚାଲିବା ହିଁ ବୁଦ୍ଧିମାନର ପରିଚୟ । ଅତି କମ୍‌ରେ ନିଜେ ମାନସିକ, ଶାରୀରିକ ଓ ଜୈବିକ ଭାବରେ ପୂର୍ଣ୍ଣାଙ୍ଗ ହେବା ପର୍ଯ୍ୟନ୍ତ ମା'ର ଗାଳି ହିଁ ଆଶୀର୍ବାଦ ରୂପେ କାମ କରିଥାଏ କାରଣ ମା'ର ମମତା ସିନା ଅତୁଟ ରୁହେ କିନ୍ତୁ ମା' ଯେ କାଳର କରାଳ ଗତିରେ କ୍ଷୀଣ ହେବାକୁ ଲାଗେ । ଆଉ ସେତେବେଳେ ପିଲାମାନେ ହିଁ ତା'ର ପଥପ୍ରଦର୍ଶକ ସାଜିଥାନ୍ତି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହେଲେ ରଷଭ ପନ୍ତ

**ନୂଆଦିଲ୍ଲୀ**

ପ୍ଲେଅଫକୁ ଯିବା ପାଇଁ ସଂଘର୍ଷ କରୁଥିବା ଦିଲ୍ଲୀ କ୍ୟାପିଟାଲ୍ସକୁ ବଡ଼ ଝଟ୍‌କା ଲାଗିଛି । ଦଳର ଅଧିନାୟକ ରଷଭ ପନ୍ତ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି । ସେ ଆଇପିଏଲର ଆଚରଣ ବିଧିକୁ ବାରମ୍ବାର ଉଲ୍ଲଙ୍ଘନ କରିଥିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିସିସିଆଇ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ।

ପନ୍ତ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହୋଇଥିବାରୁ ଦିଲ୍ଲୀର ପରବର୍ତ୍ତୀ ମୁକାବିଲାରେ ସେ ନଜର ଆସିବେ ନାହିଁ । ରବିବାର ଦିଲ୍ଲୀର ମୁକାବିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ରହିଛି । ଦିଲ୍ଲୀ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ଥିବାରୁ ରବିବାର ମ୍ୟାଚ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏହି ମ୍ୟାଚ୍‌ରେ ଦଳର ଅଧିନାୟକ ପନ୍ତ ନଜର ଆସିବେ ନାହିଁ ।

ପ୍ରେସ ବିବୃତିରେ ବିସିସିଆଇ କହିଛି ଯେ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରଷଭ ପନ୍ତଙ୍କ ଉପରେ ଜରିମାନ ଲାଗୁ କରାଯାଇଛି ଓ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ନିଲମ୍ବନ କରାଯାଇଛି । ଆଇପିଏଲର ୫୬ ତମ ମ୍ୟାଚ୍‌ରେ ପନ୍ତଙ୍କ ଦଲ୍ଲୀ ହୋମ ଗ୍ରାଉଣ୍ଡରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିଥିଲା । ଏହି ମ୍ୟାଚ୍‌ରେ ଦଳ ଧିମା ଓଭର ରେଟ ଅପରାଧ ଘଟାଇଥିଲା । ଏହା ଦଳର ତୃତୀୟ ଅପରାଧ ତୃତୀୟ ଥର ପାଇଁ ଦଳ ଆଇପିଏଲ କୋଡ୍ ଅଫ କଣ୍ଡକ୍ଟ ଉଲ୍ଲଙ୍ଘନ କରିଥିବାରୁ ପନ୍ତଙ୍କ ଉପରେ ୩୦ ଲକ୍ଷ ଟଙ୍କାର



ଜରିମାନା ଲାଗୁ କରାଯାଇଛି ଓ ତାଙ୍କୁ ଗୋଟିଏ ମ୍ୟାଚରୁ ବାସନ୍ଦ କରାଯାଇଛି ।

ସେହିପରି ଦଳର ବାକି ୧୧ ଜଣ(ଇମ୍ପାକ୍ଟ ଖେଳାଳିଙ୍କୁ ମିଶାଇ) ଖେଳାଳିଙ୍କ ଉପରେ ୧୨ ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ୍ ଫି'ର ୫୦% ଜରିମାନା ଲାଗୁ ହୋଇଛି । ଆଇପିଏଲ କୋଡ ଅଫ କଣ୍ଡକ୍ଟର ଧାରା ୮ ଅନୁଯାୟୀ, ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ରେଫରୀଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲା । ଆବେଦନ ପରେ ପୂରା ମାମଲାକୁ ବିସିସିଆଇରଙ୍କ ପାଖକୁ ପଠାଯାଇଥିଲା । ଆମ୍ବୁଡସ୍‌ମେନ୍ ଭିଡିଓ କନଫରେନ୍ସିଂ ଜରିଆରେ ଏହାର ଶୁଣାଣି କରି ମ୍ୟାଚ୍ ରେଫରୀଙ୍କ ନିଷ୍ପତ୍ତିକୁ କାଏମ ରଖିଛନ୍ତି ବୋଲି ରିଲିଜରେ କୁହାଯାଇଛି ।

# ଚେନ୍ନାଇ ବିପକ୍ଷ ମ୍ୟାଚ୍ ପରେ ଦଣ୍ଡିତ ହେଲେ ଗିଲ୍ ଓ ପୂରା ଟିମ୍

**ଅହମଦାବାଦ**

ଶୁକ୍ରବାର ଅହମଦାବାଦରେ ମ୍ୟାଚ୍ ଖେଳୁଥିବା ଗୁଜରାଟ ଟାଇଟନ୍ସ ବେଶ୍ ଚମତ୍କାର ଢଙ୍ଗରେ ଚେନ୍ନାଇ ସୁପର କିଙ୍ଗସକୁ ୩୫ ରନରେ ହରାଇ ଦେଇଥିଲା । ୨୩୨ ରନର ପିଛା କରୁଥିବା ଚେନ୍ନାଇ ୮ ଓ୍ୱିକେଟରେ କେବଳ ୧୯୬ ରନ କରିବାକୁ ସକ୍ଷମ ହୋଇଥିଲା । ଗୁଜରାଟ ଟାଇଟନ୍ସ ମ୍ୟାଚ୍ ଜିତିଥିଲେ ହେଁ ଦଳର ଅଧିନାୟକ ଶୁବମନ ଗିଲ ଓ ପୂରା ଟିମ୍ ଦଣ୍ଡିତ ହୋଇଛନ୍ତି ।

ଧିମା ଓଭର ରେଟ୍ ପାଇଁ ଅଧିନାୟକ ଗିଲ୍‌ଙ୍କ ଉପରେ ୨୪ ଲକ୍ଷ ଟଙ୍କାର ଫାଇନ ଲାଗୁ କରାଯାଇଛି । ଦ୍ୱିତୀୟ ଥର ପାଇଁ ଧିମା ଓଭର ରେଟ୍ ଅପରାଧ ଘଟାଇଥିବା ଗୁଜରାଟର ବାକି ୧୧ ଖେଳାଳିଙ୍କୁ ମଧ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯାଇଛି । ଇମ୍ପାକ୍ଟ ଖେଳାଳିଙ୍କୁ ମିଶାଇ ଗୁଜରାଟର ୧୧ ଖେଳାଳିଙ୍କୁ ୬ ଲକ୍ଷ ଟଙ୍କା ବା ସେମାନଙ୍କ ମ୍ୟାଚ୍ ଫିର ୨୫% ଜରିମାନା କରାଯାଇଛି ।

ମ୍ୟାଚ୍ ରେଫରୀ ଓ ଦୁଇ ଫିଲ୍ଡ ଅମ୍ପାୟାରଙ୍କ ନିଷ୍ପତ୍ତିକ୍ରମେ ଏପରି



ଜରିମାନା ଲାଗୁ କରାଯାଇଛି । ଏହାପୂର୍ବରୁ ମାର୍ଚ୍ଚ ୨୬ରେ ମଧ ଧିମା ଓଭର ରେଟ ପାଇଁ ଗିଲ୍ ଦଣ୍ଡିତ ହୋଇଥିଲେ । ତାଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜୋରିମାନା ଲାଗୁ କରାଯାଇଥିଲା । କୌତୁହଳର ବିଷୟ ହେଲା, ସେହି ଚେନ୍ନାଇ ବିପକ୍ଷରେ ହିଁ ଗୁଜରାଟ ଧିମା ଓଭର ଅପରାଧ ଘଟାଇଥିଲା । ଦ୍ୱିତୀୟ ଥର ପାଇଁ ଶୁକ୍ରବାର ଧିମା ଓଭର ରେଟ୍ ଅପରାଧ ପାଇଁ ଗିଲ୍ ଓ ଗୁଜରାଟର ସମସ୍ତ ୧୧ ଖେଳାଳିଙ୍କ ଉପରେ ଜରିମାନା ଲାଗୁ କରାଯାଇଛି

ଶୁକ୍ରବାର ଗୁଜରାଟ ୩୫ ରନରେ ଚେନ୍ନାଇକୁ ହରାଇବା ସହ ନିଜର ପ୍ଲେଅଫ ଖେଳିବା ଆଶା ଉଜ୍ଜୀବିତ ରଖିଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଗୁଜରାଟ ବି ସାଇ ସୁଦର୍ଶନ ଓ ଗିଲଙ୍କ ଶତକ ଯୋଗୁ ୩ ଓ୍ୱିକେଟ ହରାଇ ୨୩୧ ରନ କରିଥିଲା । ଏହାର ଜବାବରେ ଚେନ୍ନାଇ ୮ ଓ୍ୱିକେଟ ହରାଇ କେବଳ ୧୯୬ ରନ କରିପାରି ଥିଲା ।

ବିଜୟ ପରେ ଟାଇଟନ୍ସ ପଏଣ୍ଟ ଟେବୁଲର ୮ମ ସ୍ଥାନକୁ ଉଠିଛି ଦଳ । ୧୨ ମ୍ୟାଚ୍‌ରୁ ୫ ବିଜୟ ହାସଲ କରିଛି । ପରାଜୟ ସତ୍ତ୍ୱେ ଚେନ୍ନାଇ ପୂର୍ବ ଭଳି ୪ର୍ଥ ସ୍ଥାନରେ ରହିଛି ।

# ଯେତେ ପ୍ରସ୍ତୁତି କଲେ ବି ଅଲିମ୍ପିକ୍ ଗ୍ରାମରେ ପ୍ରକୃତ ଚପ ଜଣାପଡ଼ିଥାଏ: ନୀରଜ



**ନୂଆଦିଲ୍ଲୀ**

ପ୍ୟାରିସ ଅଲିମ୍ପିକ୍ସରେ କିଛି ବି ହୋଇପାରେ । ଦିନଥିଲା ବିଶ୍ୱ ଚାମ୍ପିଅନ୍‌ସିପ୍‌କୁ ଯୋଗ୍ୟତା ଅର୍ଜନ କରିପାରିବି କି ନାହିଁ ସନ୍ଦେହରେ ଥିଲି । କିନ୍ତୁ ଏବେ ସମୟ କିଭଳି ଭାବେ ବଦଳି ଯାଇଛି ତାହା ସମସ୍ତେ ଦେଖୁଛନ୍ତି ବୋଲି ଭାରତୀୟ ଜାଭଲିନ୍ ତାରକା ନୀରଜ ଚୋପ୍ରା କହିଛନ୍ତି । ଦୋହା ଡାଏମଣ୍ଡ ଲିଗ୍‌ରେ ଭାଗ ନେବା ପୂର୍ବରୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)କୁ ଦେଇଥିବା ଏକ ସାକ୍ଷାତ୍‌କାରରେ ଭାରତର ଅଲିମ୍ପିକ୍ସ ପଦକ ସମ୍ଭାବନା ଉପରେ ନୀରଜ କହିଛନ୍ତି, ବିଶ୍ୱ ଚାମ୍ପିଅନ୍‌ସିପ୍ ଓ ଏସୀୟ କ୍ରୀଡ଼ାରେ ଯେମିତି ଆମ ଉପରେ ପ୍ରଶଂସକମାନେ ବିଶ୍ୱାସ ରଖିଥିଲେ, ସେହି ବିଶ୍ୱାସ ଅଲିମ୍ପିକ୍ସ ବେଳେ ମଧ ରହିବା ଦରକାର । କାରଣ ପୂର୍ବରୁ ବିଶ୍ୱ ଜାଭଲିନ୍‌ରେ ୟୁରୋପୀୟ ଦେଶର କ୍ରୀଡ଼ାବିତ୍‌ମାନେ ଆଧିପତ୍ୟ ବିସ୍ତାର କରୁଥିଲେ । କିନ୍ତୁ ଗତ ବୁଡାପେଷ୍ଟ ବିଶ୍ୱ ଚାମ୍ପିଅନ୍‌ସିପ୍‌ରେ ୬ଜଣଙ୍କ ମଧ୍ୟରୁ ଭାରତରୁ ତିନିଜଣ ଥିବାରୁ, ଏବେ ଭାରତୀୟମାନେ ମଧ ଏହି କ୍ରୀଡ଼ାରେ ଦବ୍‌ଦବା ରଖୁଛନ୍ତି ବୋଲି ପ୍ରମାଣିତ ହେଉଛି । ନୀରଜ କହିଛନ୍ତି, ଅଲିମ୍ପିକ୍ସ ପୂର୍ବରୁ ଯେତେ ବି ପ୍ରସ୍ତୁତି କରିଥାଅ ନା କାହିଁକି, ଏମିତିକି ବିଦେଶରେ ବିଭିନ୍ନ ସମୟରେ ପ୍ରଶିକ୍ଷଣ ନେଇଥିଲେ ମଧ ଯେତେବେଳେ ଆମେ ଅଲିମ୍ପିକ୍ ଗ୍ରାମରେ ପାଦ ଦେଇଥାଉ ପରିସ୍ଥିତି ବଦଳିଯାଇଥାଏ । ସେଠାରୁ ହିଁ ପ୍ରକୃତ ଚପ ପଡ଼ିଆରେ ଆରମ୍ଭ ହୋଇଥାଏ ତଥାପି ଏଭଳି ସମୟ ପାଇଁ ମଧ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ । ଅଲିମ୍ପିକ୍ସରେ ସଫଳତା କେବଳ ଜଣଙ୍କ ଉଦ୍ୟମରେ ନୁହେଁ, ବରଂ ଦଳଗତ କାମରୁ ଆସିଥାଏ । ମୋ ପ୍ରଶିକ୍ଷକ ଓ ଫିଜିଓ ପ୍ରତ୍ୟେକ ଆହ୍ୱାନ ପାଇଁ ମୋତେ ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ କରିଥାନ୍ତି । ପ୍ରତ୍ୟେକ ପ୍ରତିଯୋଗିତା ପୂର୍ବରୁ ସଠିକ୍ ଯୋଜନା ହିଁ ଆମକୁ ଗୋଟିଏ ପାଦ ଆଗରେ ରଖିପାରିବ ବୋଲି ନୀରଜ କହିଛନ୍ତି । ସୂଚନାଯୋଗ୍ୟ, ଏସୀୟ କ୍ରୀଡ଼ାରେ ନୀରଜ ଓ ଓଡ଼ିଆ ତାରକା କିଶୋର ଜେନା ଯଥାକ୍ରମେ ସ୍ୱର୍ଣ୍ଣ-ରୌପ୍ୟ ପଦକ ଜିତି ଅଲିମ୍ପିକ୍ସ ଟିକେଟ ପାଇଛନ୍ତି । ଏବେ ଡାଏମଣ୍ଡ ଲିଗ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବା ପରେ ୧୨ ତାରିଖରୁ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଥିବା ଫେଡେରେସନ୍ କପ୍ ଦୌଡ଼କୁଦରେ ଏମାନେ ଭାଗ ନେବେ ।

# ଶେଷ ହେବ ଆଣ୍ଡରସନ ଯୁଗ : ଐତିହାସିକ ଲର୍ଡସ ଟେଷ୍ଟ ହେବ ଆଣ୍ଡରସନଙ୍କ ଶେଷ ମ୍ୟାଚ୍

**ନୂଆଦିଲ୍ଲୀ**

ଶେଷ ହେବାକୁ ଯାଉଛି ଜେମ୍ସ ଆଣ୍ଡରସନ ଯୁଗ । ଇଂଲଣ୍ଡର କିମ୍ବଦନ୍ତୀ ତଥା ଭେଟରାନ ସ୍ୱିଙ୍ଗଷ୍ଟର ଜେମ୍ସ ଆଣ୍ଡରସନ ଟେଷ୍ଟ କ୍ରିକେଟରୁ ଅବସର ନେବେ । ସେ ଏ ସମ୍ପର୍କରେ ଘୋଷଣା କରିଛନ୍ତି ।

ଜୁଲାଇ ୧୦ରେ ସେ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ନିଜ ଟେଷ୍ଟ କ୍ୟାରିୟରର ଶେଷ ମ୍ୟାଚ୍ ଖେଳିବେ । ଐତିହାସିକ ଲର୍ଡସ ଟେଷ୍ଟ ହେବ ୪୧ ବର୍ଷୀୟ ଆଣ୍ଡରସନଙ୍କ ଶେଷ ମ୍ୟାଚ୍ । ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିବାକୁ ଯାଉଥିବା ଆଣ୍ଡରସନ ସୋସିଆଲ ମିଡିଆରେ ସମସ୍ତଙ୍କୁ ଜଣାଇଛନ୍ତି ।

ଆଣ୍ଡରସନ ଏବେ ବିଶ୍ୱ ଟେଷ୍ଟ କ୍ରିକେଟର ତୃତୀୟ ସର୍ବାଧିକ ଓ୍ୱିକେଟ ଦଖଲକାରୀ ଖେଳାଳି । ତାଙ୍କ ଉପରେ ମୁଥିଆ ମୁରଲୀଧରନ ଓ ଶେନ ଓ୍ୱାର୍ଣ୍ଣ ରହିଛନ୍ତି । ଆଣ୍ଡରସନ ୨୦୦୩ରୁ ଇତିମଧ୍ୟରେ ୧୮୭ଟି ଟେଷ୍ଟ କରି ୭୦୦ଟି ଓ୍ୱିକେଟ ନେଇଛନ୍ତି । ୭୦୮ ଓ୍ୱିକେଟ ସହ ଓ୍ୱାର୍ଣ୍ଣ ଦ୍ୱିତୀୟ ଓ ୮୦୦ ଓ୍ୱିକେଟ ସହ ମୁରଲୀଧରନ ୧ନଂ ସ୍ଥାନରେ ରହିଛନ୍ତି ।

ଆଣ୍ଡରସନ କହିଛନ୍ତି, ସମସ୍ତଙ୍କୁ ହାଏ ଗୋଟିଏ କଥା କହିବାକୁ ଚାହୁଁଛି ଯେ ଲର୍ଡସରେ ମୁଁ ମୋର ଶେଷ ଟେଷ୍ଟ ଖେଳିବାକୁ ଯାଉଛି । ଦେଶକୁ ୨୦ ବର୍ଷ ଧରି ପ୍ରତିନିଧିତ୍ୱ କରିବା ଗୋଟିଏ ଅଭୂତପୂର୍ବ ଘଟଣା । ପିଲା ବେଳୁ ଯେଉଁ ଖେଳକୁ ଭଲ ପାଉଥିଲି, ସେଥିରେ ମୁଁ ରହିଥିଲି । ଇଂଲଣ୍ଡ ପାଇଁ ଖେଳିବା ଦିନକୁ ମିସ୍ କରିବି । କିନ୍ତୁ ବାହାରେ ପାଦ ରଖିବାକୁ ଏହା ଉପଯୁକ୍ତ ସମୟ । ମୁଁ ଯେମିତି ମୋର ସ୍ୱପ୍ନ ପୂରଣ କରିଛି, ଅନ୍ୟମାନେ ମଧ ଏହାର ସୁଯୋଗ ପାଇବା ଉଚିତ । କାରଣ ଏହା ଠାରୁ ବଡ଼ ଅନୁଭବ କିଛି ହୋଇ ନପାରେ ।

ମୋତେ ଦୀର୍ଘ ବର୍ଷ ହେଲା ସହଯୋଗ ଓ ସମର୍ଥନ କରି ଆସିଥିବା ସମସ୍ତଙ୍କୁ ଧନ୍ୟବାଦ । ସମସ୍ତ ଖେଳାଳି ଓ କୋଚ୍‌ମାନଙ୍କୁ ମଧ ଧନ୍ୟବାଦ । ଆଗକୁ ପଡ଼ିଥିବା ଚ୍ୟାଲେଞ୍ଜ ପାଇଁ ମୁଁ ବେଶ୍ ଉତ୍ସାହିତ । ଅଧିକ ସମୟ ଗଲ୍ଫ ଖେଳି



କାଟିବି ସମସ୍ତଙ୍କୁ ଧନ୍ୟବାଦ ।

୨୦ ବର୍ଷ ଧରି ଟେଷ୍ଟ କ୍ରିକେଟ ଖେଳିଥିବା ଆଣ୍ଡରସନ ସୀମିତ ଓଭର କ୍ରିକେଟରେ ମଧ ନିଜର ଜଲୱା ଦେଖାଇଛନ୍ତି । ସେ ଇଂଲଣ୍ଡ ପାଇଁ ୧୯୪ଟି ଦିନିକିଆରେ ୨୬୯ ଓ ୧୯ଟି ଟି-୨୦ରେ ୧୮ଟି ଓ୍ୱିକେଟ ନେଇଥିଲେ ।

୨୦୧୫ ବିଶ୍ୱକପ ପରଠାରୁ ସେ ଆଉ ସୀମିତ ଓଭର କ୍ରିକେଟରେ ନଜର ଆସି ନଥିଲେ । ସେ କେବଳ ଟେଷ୍ଟ କ୍ରିକେଟ ଖେଳିବାରେ ଲାଗିଥିଲେ । ଷ୍ଟୁଆର୍ଟ ବ୍ରଡ୍ ଓ ଆଣ୍ଡରସନଙ୍କ ଯୋଡ଼ି ଇଂଲଣ୍ଡ ପାଇଁ ଟେଷ୍ଟରେ ଦୀର୍ଘ ବର୍ଷ ହେଲା କମାଲ୍ କରି ଚାଲିଥିଲେ । ପ୍ରଥମେ ବ୍ରଡ୍ ଓ ଏବେ ଆଣ୍ଡରସନ ମଧ କ୍ରିକେଟକୁ ଅଲବିଦା କହିଛନ୍ତି ।

୨୦୦୩ ମେ' ମାସରେ ଆଣ୍ଡରସନ ଜିମ୍ବାବେ ବିପକ୍ଷ ଟେଷ୍ଟରେ ଡେବ୍ୟୁ କରିଥିଲେ । ଦୀର୍ଘ ୨୧ ବର୍ଷ ମଧ୍ୟରେ ସେ ୧୮୭ଟି ଟେଷ୍ଟ ଖେଳି ସାରିଲେଣି । ୪୧ ବର୍ଷ ବୟସରେ ପାଦ ଥାପି ସାରିଥିବା ଆଣ୍ଡରସନ ଏବେ ବି ସମାନ ରନଅପ୍ ଓ ସମାନ ପେସ୍‌ରେ ବୋଲିଂ ଜାରି ରଖିଛନ୍ତି ।

ଟେଷ୍ଟ କ୍ରିକେଟରେ ଦ୍ରୁତ ବୋଲର ଭାବେ ସର୍ବାଧିକ ଓ୍ୱିକେଟ ଦଖଲ କରିଥିବା ତାଲିକାରେ ଆଣ୍ଡରସନଙ୍କ ପଛକୁ ୬୦୪ ଓ୍ୱିକେଟ ସହ ଷ୍ଟୁଆର୍ଟ ବ୍ରଡ୍ ଓ ଗ୍ଲେନ୍ ମ୍ୟାଗ୍ରାଥ (୫୬୩) ରହିଛନ୍ତି । ଭାରତ ବିପକ୍ଷରେ ସେ ୧୪୯ଟି ଓ୍ୱିକେଟ ନେଇଛନ୍ତି । ଏହା ମଧ୍ୟରୁ ୪୪ଟି ଓ୍ୱିକେଟ ଭାରତରେ ଖେଳିଥିବା ୧୭ଟି ଟେଷ୍ଟରୁ ମିଳିଛି । ଆଣ୍ଡରସନ ଘରୋଇ ମାଟି ଅର୍ଥାତ ଇଂଲଣ୍ଡରେ ୪୩୪ ଓ ବିଦେଶରେ ୨୬୬ ଓ୍ୱିକେଟ ନେଇଛନ୍ତି । କେବଳ ଏସିଆରେ ତାଙ୍କ ଓ୍ୱିକେଟ ସଂଖ୍ୟା ୯୨ ରହିଛି । ଆଣ୍ଡରସନ ତାଙ୍କ ଟେଷ୍ଟ କ୍ୟାରିୟରରେ ଜିମ୍ବାରେ ମାର୍କ ଭେରମେଉଲେନଙ୍କୁ ଆଉଟ୍ କରି ପ୍ରଥମ ଓ୍ୱିକେଟ ପାଇଥିଲେ ।


ଏହାପରେ ଜ୍ୟାକ୍ କ୍ୟାଲିସଙ୍କୁ ଆଉଟ୍ କରି ୧୦୦ତମ, ଅଷ୍ଟ୍ରେଲିଆର ପିଟର ସିଡ୍‌ଲଙ୍କୁ ଆଉଟ କରି ୨୦୦ତମ, ନ୍ୟୁଜିଲାଣ୍ଡର ପିଟର ଫୁଲଟନଙ୍କୁ ଆଉଟ୍ କରି ୩୦୦ତମ, ମାର୍ଟିନ ଗପ୍ଟିଲଙ୍କୁ ଆଉଟ୍ କରି ୪୦୦ତମ, ଓ୍ୱେଷ୍ଟଇଣ୍ଡିଜର କ୍ରେଗ ବ୍ରାଥ୍‌ୱେଟଙ୍କୁ ଆଉଟ କରି ୫୦୦ତମ ଓ ପାକିସ୍ତାନର ଆଝାର ଅଲୀଙ୍କୁ ଆଉଟ କରି ଆଣ୍ଡରସନ ୬୦୦ତମ ଓ୍ୱିକେଟ ଦଖଲ କରିଥିଲେ । ସେହିପରି ନିକଟରେ ଭାରତର କୁଳଦୀପ ଯାଦବଙ୍କୁ ଆଉଟ କରି ସେ ତାଙ୍କ ଟେଷ୍ଟ କ୍ୟାରିୟରର ୭୦୦ ଓ୍ୱିକେଟ ପୂରଣ କରିଥିଲେ ।

# ଭାଇରାଲ ପରେ ରୋହିତଙ୍କ ଭିଡିଓ ଡିଲିଟ୍ କଲା କେକେଆର

**ନୂଆଦିଲ୍ଲୀ**

ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ ରାଇଡର୍ସର ମୁକାବିଲା ରୋହିତ ଶର୍ମାଙ୍କ ଗୋଟିଏ ଭିଡିଓ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ସେ କେକେଆରର ଆସିସଷ୍ଟାଣ୍ଟ କୋଚ୍ ଅଭିଷେକ ନାୟରଙ୍କ ସହ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କଥା ହେଉଛନ୍ତି ।

ଭିଡିଓର ବ୍ୟାକ୍‌ଗ୍ରାଉଣ୍ଡରେ ପ୍ରବଳ ଶବ୍ଦ ହେଉଛି ସତ । କିନ୍ତୁ ରୋହିତ ଓ ନାୟରଙ୍କ ମଧ୍ୟରେ ଚାଲିଥିବା କିଛି କଥା ମଧ ଶୁଣା ଯାଉଛି । ଉକ୍ତ ଭିଡିଓକୁ କେକେଆର ତା'ର ଅଫିସିଆଲ ଆକାଉଣ୍ଟରେ ପୋଷ୍ଟ କରିଥିଲା । କିନ୍ତୁ ବିବାଦ ବଢ଼ିବାରୁ ଫ୍ରାଞ୍ଚାଇଜ ପକ୍ଷରୁ ଏହାକୁ



ଡିଲିଟ୍ କରି ଦିଆଯାଇଛି । ଭିଡିଓରେ ରୋହିତ ଓ ନାୟରଙ୍କ ସବୁ କିଛି ବଦଳି ଯାଇଛି । ସମ୍ପର୍କରେ କଥା ହେଉଛନ୍ତି । ସେହିପରି ଭିଡିଓ ଶେଷରେ ରୋହିତ କହୁଛନ୍ତି ଯେ ଏଇଟା ମୋର ଶେଷ । କେଉଁ ପ୍ରସଙ୍ଗରେ ରୋହିତ ଏପରି କଥା ନାୟରଙ୍କୁ କହୁଛନ୍ତି, ସେକଥା ସ୍ପଷ୍ଟ ହୋଇନି । କିନ୍ତୁ ଚର୍ଚ୍ଚା ହେଉଛି ଯେ ମୁମ୍ବାଇ ଇଣ୍ଡିଆନ୍ସରେ ଅଧିନାୟକ ପଦ ବଦଳିବାକୁ ନେଇ ରୋହିତ ନିଜ ମନର କଥା ନାୟରଙ୍କୁ କହୁଛନ୍ତି ।

ଦୂରରୁ ଶୁଟିଂ ହେଉଥିବା ଭିଡିଓରେ ରୋହିତ କହୁଛନ୍ତି ଯେ ଗୋଟିଏ ଗୋଟିଏ କରି ସବୁ କିଛି ବଦଳିବାରେ ଲାଗିଛି । ସବୁ କିଛି ସେମାନଙ୍କ ଉପରେ । ଯାହା ବି ହେଉ, ସେଇଟା ମୋ ଘର । ସେଇଟା ଏମିତି ଗୋଟିଏ ମନ୍ଦିର, ଯାହାକୁ ମୁଁ ତିଆରି କରିଛି । ଭିଡିଓରେ ଶେଷ ଲାଇନରେ ରୋହିତ କହୁଛନ୍ତି, ଭାଇ ମୋର କ'ଣ ଅଛି, ଏଇଟା ତ ମୋର ଶେଷ ।

ଏହି ଭିଡିଓକୁ ଅନେକ ଲୋକ ଶେୟାର କରିବାରେ ଲାଗିଛନ୍ତି କିଛି ଜଣ ରୋହିତ ଶର୍ମା ମୁମ୍ବାଇ ଉପରେ ଖପ୍ପା ଥିବା କହୁଥିବା ବେଳେ ଆଉ କିଛି ଏହା ତାଙ୍କର ଶେଷ ଆଇପିଏଲ ବୋଲି କହୁଛନ୍ତି । ଆଉ କିଛି ଫ୍ୟାନ୍ସ ଭିଡିଓ ଶେୟାର କରି ପାଣ୍ଡ୍ୟାଙ୍କ ନିଯୁକ୍ତି ଯୋଗୁ ରୋହିତ ଏପରି କହିଥିବା ମତ ରଖିଛନ୍ତି । ଭିଡିଓ ଭାଇରାଲ ହେବାରୁ କେକେଆର ପକ୍ଷରୁ ଏହାକୁ ଡିଲିଟ୍ କରି ଦିଆଯାଇଛି ।

# ଆଜିଠୁ ୨୭ତମ ଜାତୀୟ ଫେଡେରେସନ କପ୍ ସିନିୟର ଆଥ୍‌ଲେଟିକ୍ସ ପ୍ରତିଯୋଗିତା

**ଭୁବନେଶ୍ୱର**

କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୧୨ରୁ ୧୫ ପର୍ଯ୍ୟନ୍ତ ହେବାକୁଥିବା ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ପ୍ରତିଯୋଗିତାରେ ଓଡ଼ିଶାର ମୋଟ ୧୮ ଆଥ୍‌ଲେଟ ଅଂଶଗ୍ରହଣ କରିବେ । ସେମାନଙ୍କ ମଧ୍ୟରେ ୫ ମହିଳା ପ୍ରତିଯୋଗୀ ସାମିଲ ଅଂଶଗ୍ରହଣ କରିବାକୁ ଯାଉଥିବା ଓଡ଼ିଶାର ମହିଳା ପ୍ରତିଯୋଗୀଙ୍କ ମଧ୍ୟରେ ଲକ୍ଷ୍ମୀପ୍ରିୟା କିଷାନ ୮୦୦ ଓ ୧୫୦୦ମି., ଶ୍ରାବଣୀ ନନ୍ଦ ୧୦୦ ଓ ୨୦୦ମି., ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୦୦ ଓ ୧୦୦ମି. ହର୍ଡଲ୍ସ, ସୁଖୀ ବାସ୍କେ ୧୦୦ମି. ଓ ସୁସ୍ମିତା ଟିଗା ୩୦୦୦ମି. ଷ୍ଟିପଲଚେଜ୍‌ରେ ଭାଗ ନେବେ । ସେହିପରି ପୁରୁଷ ବିଭାଗରେ ଅଶୋକ ଦଣ୍ଡସେନା : ୧୫୦୦ ଓ ୩୦୦୦ମି. ଷ୍ଟିପଲଚେଜ୍, ନିଲ ଦାସ ହାଇଜମ୍ପ, ଅନିମେଶ କୁଜୁର ୧୦୦ ଓ ୨୦୦ମି., କିଶୋର କୁମାର ଜେନା : ଜାଭେଲିନ୍ ଥ୍ରୋ, ସ୍ୱାଧୀନ କୁମାର ମାଝି ହାଇଜମ୍ପ, ଆଶିଷ କୁମାର ପାତ୍ର ଲଙ୍ଗ ଜମ୍ପ, ଦଣ୍ଡପତି ମୃତ୍ୟମ ଜୟରାମ ୧୦୦ ଓ ୨୦୦ମି., ଦୟାନିଧି ମୁଣ୍ଡା ୮୦୦ ଓ ୧୫୦୦ମି., ଦେବାଶିଷ ପଟ୍ଟନାୟକ ୮୦୦ମି., ସରୁନ ପାୟାସିଂ ଲଙ୍ଗ ଜମ୍ପ, ପ୍ରିୟବ୍ରତ ପ୍ରଧାନ ଜାଭେଲିନ୍ ଥ୍ରୋ, ଲାଲୁ ପ୍ରସାଦ ଭୋଇ ୧୦୦ମି. ଓ ଅବିନାଶ ସାହୁ ୧୦୦ମି. ରେସ୍‌ରେ ଅଂଶଗ୍ରହଣ କରିବେ । ଅର୍ଥାତ୍ ଓଡ଼ିଶାର ୧୮ ଆଥ୍‌ଲେଟ ମୋଟ ୧୫ଟି ଇଭେଣ୍ଟରେ ଭାଗନେବେ । ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥ୍‌ଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଏବଂ ଆଥ୍‌ଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସହଯୋଗରେ ୪ ଦିନ ବିଶିଷ୍ଟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ମୋଟ ୨୦ଟି ଇଭେଣ୍ଟ ଅନୁଷ୍ଠିତ ହେବ । ଏହା ମଧ୍ୟରେ ୧୮ଟି ଇଭେଣ୍ଟରେ ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗୀ ଆକ୍ସନରେ ଦେଖିବାକୁ ମିଳିବେ । ଏହା ବ୍ୟତୀତ ଡେକାଥଲନରେ ପୁରୁଷ ଓ ହେପ୍ଟାଥଲନରେ ମହିଳା ପ୍ରତିଯୋଗୀ ଭାଗ୍ୟ ନିର୍ଣ୍ଣୟ କରିବେ । ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗୀ ଯେଉଁ ୧୮ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ ତାହା ହେଲା ୧୦୦ମି, ୨୦୦ମି, ୪୦୦ମି, ୮୦୦ମି, ୧୫୦୦ମି, ୫୦୦୦ମି, ୧୦୦୦୦ମି. ରେସ୍, ୧୧୦ ମି. ହର୍ଡଲ୍ସ (ମହିଳାଙ୍କର ୧୦୦ମି.), ୪୦୦ ମି. ହର୍ଡଲ୍ସ, ୩୦୦୦ମି. ଷ୍ଟିପଲଚେଜ୍, ହାଇ ଜମ୍ପ, ପୋଲ ଭଲ୍ଟ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ଶଟ୍ ପୁଟ୍, ଡିସ୍‌କସ୍ ଥ୍ରୋ, ହାମର ଥ୍ରୋ ଓ ଜାଭେଲିନ୍ ଥ୍ରୋ ୧୮ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଏଏଫ୍‌ଆଇ ପକ୍ଷରୁ ଧାର୍ଯ୍ୟ କରାଯୋଇଥିବା ଏଣ୍ଟ୍ରି ଷ୍ଟାଣ୍ଡାର୍ଡକୁ ଜାତୀୟ କିମ୍ବା ରାଜ୍ୟ ଚାମ୍ପିୟନସିପ୍‌ରେ ସ୍ପର୍ଶ କରିଥିବା ଆଥ୍‌ଲେଟମାନେ ହିଁ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

# ମୁଣ୍ଡରେ ବୋତଲ ବାଜି ଜୋକୋଭିଚ୍ ଆହତ



**ରେମ୍**

ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ଟେନିସ୍ ଖେଳାଳି ସର୍ବିୟାର ନୋଭାକ୍ ଜୋକୋଭିଚ୍ ମୁଣ୍ଡରେ ବୋତଲ ବାଜି ଆହତ ହୋଇଛନ୍ତି । ଇଟାଲିଆନ୍ ଓପନର ମ୍ୟାଚ୍ ପରେ ଏହି ଘଟଣା ଘଟିଥିଲା । ଜଣେ ଫ୍ୟାନ୍‌ଙ୍କୁ ଅଟୋଗ୍ରାଫ ଦେଉଥିବା ବେଳେ ସେ ଆହତ ହୋଇଥିଲେ । ଟାଇଟଲ ଜିତିବା ପରେ ପ୍ରଥମ ଧାଡ଼ିରେ ବସିଥିବା ଜଣେ ଫ୍ୟାନ୍ ଅଟୋଗ୍ରାଫ ମାଗିଥିଲେ । ଅଟୋଗ୍ରାଫ ପାଇଁ ଫ୍ୟାନ୍ ଜଣଙ୍କ ଜୋକୋଭିଚ୍‌ଙ୍କ ହାତକୁ ନୋଟ୍‌ବୁକ୍ ବଢ଼ାଉଥିବା ବେଳେ ତାଙ୍କ ବ୍ୟାକ୍‌ପ୍ୟାକରେ ଥିବା ଏକ ଆଲୁମିନିୟମ ପାଣି ବୋତଲ ଜୋକୋଭିଚ୍‌ଙ୍କ ମୁଣ୍ଡରେ ପଡିଥିଲା । ଜୋକୋଭିଚ୍ ମୁଣ୍ଡ ଉପରେ ପାଣି ବୋତଲ ପଡ଼ିଥିବା ବେଳେ ସେ ସାମାନ୍ୟ ଆହତ ହୋଇଥିଲେ । ସେ ତଳେ ପଡି ଯାଇଥିବା ବେଳେ ତାଙ୍କୁ ସୁରକ୍ଷାକର୍ମୀ ଲକର ରୁମ୍‌କୁ ନେଇଥିଲେ ।




ଭୁବନେଶ୍ୱର : ନ୍ୟାସନାଲ ଇନଫର୍ମାଟିକ ସେଣ୍ଟର କନଫରେନ୍ସ ହଲ୍ ପରିସରରେ ୧୭ତମ ବିବାହ ବାର୍ଷିକ ପାଳନ ଅବସରରେ ରକ୍ତଦାନ କରୁଛନ୍ତି ଖେଣପ୍ରଭା ଦେହୁରୀ ।(ଫଟୋ : ସମ୍ବାଦ କଳିକା)

# କୃଷକ ଦିବସରେ ଚାଷୀମାନଙ୍କ ମଙ୍ଗଳ କାମନା କଲେ ଜିଲ୍ଲାପାଳ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ କୃଷି ଓ କୃଷକ ସଶକ୍ତି କରଣ ବିଭାଗ, ମୟୂରଭଞ୍ଜ ଆନୁକୂଲ୍ୟରେ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧, ଶ୍ୟାମାଖୁଣ୍ଟା ପରିସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ-୨୦୨୪ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ, ମୟୂରଭଞ୍ଜ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟର ପ୍ରଥମ ସୋପାନ ଅକ୍ଷିମୁଠିର ଶୁଭ ଅନୁକୂଳ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଚାଷୀକୁଳଙ୍କ ଶୁଭମନାସି ଏବର୍ଷ ଆମ ଜିଲ୍ଲାର ଚାଷୀମାନେ ଯେମିତି ଅଧିକ ଅମଳ କରନ୍ତୁ ଏବଂ ସେମାନଙ୍କ ଜୀବନଧାରଣ ମାନରେ ଆହୁରି ଉନ୍ନତି ହେଉ ବୋଲି ମା'ଲକ୍ଷ୍ମୀଙ୍କ ପାଖରେ ପ୍ରାର୍ଥନା କରିବା ସହ ଜିଲ୍ଲାପାଳ



କହିଥିଲେ କି ପୂର୍ବ ବର୍ଷ ତୁଳନାରେ ଜିଲ୍ଲାର ଜଳସେଚନ ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ଘଟିଛି । ତେଣୁ ଚାଷୀ ମାନଙ୍କ ପାଇଁ ଏହା ନିଶ୍ଚିତ ଅନୁକୂଳ ହେବ ଏବଂ ଯଦି ଚାଷ କାର୍ଯ୍ୟ ସମୟରେ କୌଣସି କ୍ଷେତ୍ରରେ ଚାଷୀମାନେ ଚାଷ ସମ୍ବନ୍ଧୀୟ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି । ତେବେ ସେମାନେ ନିଜ ନିଜ ଅଞ୍ଚଳର କୃଷିକ୍ଷେତ୍ର କର୍ମଚାରୀଙ୍କ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ କରିପାରିବେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରା ଓ ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧ ଡା. ସଂଘମିତ୍ରା ପଟ୍ଟନାୟକ ଙ୍କ ପୌରୋହିତ୍ୟରେ ଭୂମି ପୂଜା ସମ୍ପାଦନ ହୋଇଥିଲା । ଏହି ଅବସରରେ ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୨ ଡା.ଦୀପକ କୁମାର ମହାନ୍ତି, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ, ଉପ-ନିର୍ଦ୍ଦେଶକ (ଉଦ୍ୟାନ କୃଷି), ଡି.ଆର .ସି.ଏସ., ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ୟାମାଖୁଣ୍ଟା, ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେବା ସହ ଅନ୍ୟାନ୍ୟ କୃଷି ତଥା ଆନୁସଙ୍ଗିକ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ମୁଖ୍ୟତଃ ଲିସା ପ୍ରିୟଦର୍ଶନୀ, ଗୋଷ୍ଠୀ କୃଷି ଅଧିକାରୀ, ଶ୍ୟାମାଖୁଣ୍ଟା, କୁମାରୀ ମଧୁସ୍ମିତା ଜେନା, ସହକାରୀ କୃଷି ନିର୍ଦ୍ଦେଶକ, ସୁଧାଂଶୁ ଶେଖର ପଣ୍ଡା, ସହକାରୀ କୃଷି ଅଧିକାରୀ, ରମ୍ୟ ରଞ୍ଜନ ମହାନ୍ତ, ସହକାରୀ କୃଷି ଅଧିକାରୀ, ହେମନ୍ତ କୁମାର ବେହେରା, କୃଷି ଅଧିଦର୍ଶକ, ତୁଷାର କୁମାର ମହାନ୍ତି, କୃଷି ଅଧିଦର୍ଶକ ପରିଚାଳନା କରିଥିଲେ ଏବଂ ଅନ୍ୟ ସହକର୍ମୀ ବୃନ୍ଦ ସହଯୋଗ କରିଥିଲେ ।

# ଜଗତସିଂହପୁର ଲୋକସଭା ଓ ୪ ବିଧାନସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କଲେ ୧୪ ପ୍ରାର୍ଥୀ

**ଜଗତସିଂହପୁର ନ୍ୟୁଜ୍‌ବ୍ୟୁରୋ**

ନାମାଙ୍କନ ପତ୍ର ଦାଖଲର ଚତୁର୍ଥ ଦିନରେ ୧୬ ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଅନୁପମ ସାହାଙ୍କ ନିକଟରେ କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆର ପ୍ରାର୍ଥୀ ରମେଶ ଚନ୍ଦ୍ର ସେଠୀ, ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ବିଭୁତି ଭୂଷଣ ମାଝୀ, ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ, ଏପିଆଇ ପାର୍ଟିର ପ୍ରାର୍ଥୀ ପୀୟୂଷ ଦାସ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେହିପରି ୧୦୪ ଜଗତସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ନିକଟରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀ ପ୍ରତିମା ମଲ୍ଲିକ ଓ ବିଜୁ ଜନତା ଦଳର ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ୧୦୧ ପାରାଦ୍ୱୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ୪ ଜଣ ପ୍ରାର୍ଥୀ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଲଳିତ ମୋହନ ବେହେରାଙ୍କ ନିକଟରେ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେମାନେ ହେଲେ ସିପିଆଇର ଚିନ୍ମୟୀ ସାହାଣୀ, ଭାରତୀୟ ଜନତା ପାର୍ଟିର ସମ୍ପଦ ଚନ୍ଦ୍ର ସ୍ୱାଇଁ, ଭାରତୀୟ ଜାତୀୟ କଂଗ୍ରେସ ର ନିରଞ୍ଜନ ନାୟକ ଓ ବିଜୁ ଜନତା ଦଳ ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟ । ୧୦୩ ବାଲିକୁଦା -ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ସତ୍ୟ ସାରଥୀ ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ରାଜେଶ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ସମ୍ବିତ ରାଉତଙ୍କ ନିକଟରେ ଓ ୧୦୨ ତିର୍ତ୍ତୋଲ ବିଧାନସଭା(ସଂ) ନିର୍ବାଚନମଣ୍ଡଳୀ ନିମନ୍ତେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ରାଜକିଶୋର ବେହେରା, ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# କଟକ ଜିଲ୍ଲାରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

କଟକ ତା ୦୯.୦୫.୨୦୨୪ ରିଖ – କଟକ ଜିଲ୍ଲାର କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ସମେତ ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ଓ ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଗତ ୨୯ ତାରିଖରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ୬ ତାରିଖରେ ଶେଷ ହେବା ସହ ୭ ତାରିଖରେ ପ୍ରାର୍ଥୀପତ୍ରଗୁଡିକୁ ଯାଞ୍ଚ କରାଯାଇଛି । ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିଲା । କଟକ ଲୋକସଭା ମଣ୍ଡଳୀ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଥିବା ସ୍ୱାଧୀନ ପ୍ରାର୍ଥୀ ବିରଞ୍ଚି ନାରାୟଣ ମହାରଣା ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି । ଏଥିସହ କଟକ ଲୋକସଭା ନିର୍ବାଚନ ମଣ୍ଡଳୀରେ ମୋଟ୍ ୧୦ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ଅନ୍ୟପକ୍ଷରେ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ କେହି ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିନାହାନ୍ତି । ଫଳରେ କଟକ ସଦର ଆସନରେ ୪ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀତା ହେବ । ତେବେ ଚୌଦ୍ୱାର କଟକ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ରାର୍ଥପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ସ୍ୱାଧୀନ ପ୍ରାର୍ଥୀ ଦୀପକ କୁମାର ବାରିକ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବାବେଳେ ବାରବାଟୀ କଟକ ବିଧାନସଭା ନିର୍ବାଚନମଣ୍ଡଳୀରୁ ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିନାହାନ୍ତି । ବାରବାଟୀ କଟକରୁ ୧୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବା ବେଳେ ଚୌଦ୍ୱାର କଟକରୁ ୧୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ତାଲିକା ପ୍ରକାଶ ପାଇଛି । ଅନ୍ୟପକ୍ଷରେ ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ କେହି ଜଣେ ହେଲେ ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନାହାନ୍ତି । ଏଠାରେ ଆଠଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ଆଠଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ନମିତା ଖୁଣ୍ଟିଆ ଏବଂ ଶଙ୍କର୍ଷଣ ମହାନ୍ତି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବାବେଳେ ବଡମ୍ବା ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଦୁର୍ଗାପ୍ରିୟା ଦଳବେହେରା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି । ଆଠଗଡରେ ୧୨ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱୀତା କରୁଥିବାବେଳେ ବଡମ୍ବାରେ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଏହିସବୁ ଆସନଗୁଡିକରେ ଆସନ୍ତା ୨୫ ତାରିଖରେ ଭୋଟଗ୍ରହଣ କରାଯିବ ଏବଂ ଜୁନ୍ ୪ ତାରିଖରେ ଫଳାଫଳ ପ୍ରକାଶ ପାଇବ ।





# ପ୍ରଥମ ପର୍ଯ୍ୟାୟରେ ହେବ ଚକ ପାଇଁ ୪୨ଟି ତୁମ୍ବ

**ପୁରୀ, ନ୍ୟୁଜ ବ୍ୟୁରୋ**

ଆରମ୍ଭ ହେଲା ରଥ ନିର୍ମାଣ କାର୍ଯ୍ୟ। ପ୍ରଥମ ପର୍ଯ୍ୟାୟରେ ଚକ ପାଇଁ ୪୨ଟି ତୁମ୍ବ ନିର୍ମାଣ କାର୍ଯ୍ୟ ହେବ। ପବିତ୍ର ଅକ୍ଷୟ ତୃତୀୟାର ତିନି ରଥର ନିର୍ମାଣ ଅନୁକୂଳ ହୋଇଛି । ଶୁକ୍ରବାର ଠାରୁ ଚଳଚଞ୍ଚଳ ହୋଇଛି ଶ୍ରୀନହର ସମ୍ମୁଖ ରଥ ଖଳା। ପ୍ରଥମେ ରଥ ଖଳାରେ ତିନି ରଥର ମହାରଣା ରଥ କାଠକୁ ପୂଜା କରିବା ପରେ କାଠ କାଟିବା ଆରମ୍ଭ କରିଛନ୍ତି କରତି ସେବକ । ପ୍ରଥମେ ରଥ ଚକ ନିର୍ମାଣ କାର୍ଯ୍ୟ ପାଇଁ ତୁମ୍ବ ନିର୍ମାଣ କାର୍ଯ୍ୟ ହେବାକୁ ଥିବାରୁ ଫାଶୀ କାଠକୁ କଟାଯାଇ ତୁମ୍ବ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

ତିନି ରଥ ମହାରଣାଙ୍କୁ କାଠ କଟାଯାଇ ପ୍ରଦାନ ପରେ ତୁମ୍ବ ନିର୍ମାଣ ଆରମ୍ଭ ହେବ । ବିଶ୍ୱକର୍ମା ମହାରଣା ସେବକମାନେ ତିନି ରଥ ଚକ ପାଇଁ ମୋଟ ୪୨ଟି ତୁମ୍ବ ନିର୍ମାଣ କରିବେ। ତୁମ୍ବ ନିର୍ମାଣ ପରେ ସୂତା ବାଡ଼ିଆ କାର୍ଯ୍ୟ ଆରମ୍ଭ ହେବ। ପର୍ଯ୍ୟାୟକ୍ରମେ ବିଭିନ୍ନ କାର୍ଯ୍ୟ ଆଗେଇବ। ତେବେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ରଥ ନିର୍ମାଣରେ ନିୟୋଜିତ ସେବକମାନେ ବେଶ ଉତ୍ସାହିତ ଅଛନ୍ତି । ଚଳିତ ରଥଯାତ୍ରା କିଭଳି ସୁରୁଖୁରୁରେ ଅନୁଷ୍ଠିତ ହେବ ସେଥିପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିବା କହିଛନ୍ତି ବିଶ୍ୱକର୍ମା ଓ ଭୋଇ ସେବକ। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥନିର୍ମାଣ କାର୍ଯ୍ୟର ଅନୁକୂଳ ହୋଇଥଲା। ମହାପ୍ରଭୁଙ୍କ ମଙ୍ଗଳ ଆଳତୀ, ମଇଲମ, ଅବକାଶ ଓ ସକାଳ ଧୂପ ଅନୁଷ୍ଠିତ ହେବା ପରେ ନକ୍ଷତ୍ର ଓ ଜୟବିଜୟ ଦ୍ୱାର ବନ୍ଦାପନା ସରିଥିଲା। ଏହାପରେ ବିମାନକୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ବିଜେ କରି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ବାହାରିଥିଲେ। ସେହିପରି ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ତିନିବାଡର ପୂଜାପଣ୍ଡା ସେବାୟତ ମାନେ ବିରାଟ ଶୋଭାଯାତ୍ରାରେ ବାହାରି ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ ସେଠାରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରାଯାଇଥିଲା। ଶ୍ରୀମନ୍ଦିର ଶ୍ରୋତୀୟ ବ୍ରାହ୍ମଣ ଓ ରାଜ ପୁରୋହିତଙ୍କ ଦ୍ୱାରା ବନଯାଗ ବିଧିରେ ପୂଜାର୍ଚ୍ଚନା ସହ ବିଶ୍ୱକର୍ମା ମହାରଣାଙ୍କ ଶାଢୀ ବନ୍ଧା ନୀତି ପରେ ସୁନା କୁରାଢିରେ ରଥନିର୍ମାଣ କାର୍ଯ୍ୟର ଅନୁକୂଳ କରାଯାଇଥିଲା। ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥନିର୍ମାଣ କାର୍ଯ୍ୟ କିଭଳି ସୁରୁଖୁରୁରେ ସମ୍ପାଦନ ହେବ ସେନେଇ ସମସ୍ତେ ପ୍ରାର୍ଥନା କରିଥିଲେ।

ରଥ କାଠ ଅନୁକୂଳ ସହ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଚନ୍ଦନ ଯାତ୍ରା। ଦୋଳରେ ଦୋଳ ଗୋବିନ୍ଦ, ଚାପରେ ମଧୁସୂଦନ, ରଥରେ ବାମନ ରୂପରେ ମହାପ୍ରଭୁଙ୍କ ଦର୍ଶନ କଲେ ପୁନର୍ଜନ୍ମ ମିଳିନଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଚନ୍ଦନ ଯାତ୍ରା ଅବସରରେ ୨୧ ଦିନ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ-ମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ପଞ୍ଚ ପାଣ୍ଡବଙ୍କୁ ସେବାୟତ ମାନେ ମଣି ବିମାନରେ ଚନ୍ଦନ ପୁଷ୍କରିଣୀ ନରେନ୍ଦ୍ର ଅଭିମୁଖେ ନେଇଥାନ୍ତି । ପ୍ରବଳ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ସେଠାରେ ମନୁଷ୍ୟ ଲୀଳାରେ ନୌକା ବିହାର କରିବାର ପରମ୍ପରା ରହିଛି। ଏହି ଅବସରରେ ନରେନ୍ଦ୍ର ପୁଷ୍କରିଣୀରେ ଚନ୍ଦନ, ପୁଷ୍ପର ପ୍ରଲେପ ଶ୍ରୀଜିଉଙ୍କ ଅଙ୍ଗରେ ଲଗାଯିବାର ପରମ୍ପରା ରହିଛି। ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଚନ୍ଦନ ଯାତ୍ରାରେ ଭକ୍ତମାନେ ସାମିଲ ହୋଇ ନିଜକୁ ଧନ୍ୟ ମନେ କରିଥଲେ ।

## ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ଅକ୍ଷୟ ତୃତୀୟା ମହୋତ୍ସବ

# ଶ୍ରୀଜଗନ୍ନାଥ ଜଣଦେବତାରୁ ବିଶ୍ୱଦେବତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଶ୍ରୀଜଗନ୍ନାଥ ଦିନେ କେବଳ ବିଶ୍ୱାବସୁ ଦ୍ୱାରା ନୀଳମାଧବ ରୂପେ ପୂଜିତ ହେଉଥିଲେ ମାତ୍ର ଶ୍ରୀଜଗନ୍ନାଥ ଜଣରୁ ଗଣ ଦେବତା ତା'ପରେ ରାଷ୍ଟ୍ରଦେବତା ଭାବେ ପୂଜାପାଇ ଇଷ୍ଟଦେବତା ହୋଇ ବିଶ୍ୱଦେବତା ଭାବେ ଗଣା ହେଉଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତିରେ ମଧ ଶକ୍ତିପୂଜାର ପରମ୍ପରା ଅତି ପ୍ରାଚୀନ କାଳରୁ ଚଳିଆସୁଅଛି। ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ସମ୍ପର୍କରେ ବହୁ ଗୁଢ଼ ତତ୍ତ୍ୱର ପ୍ରକାଶ କରି ଏହାର ଆହୁରି ଆଲୋଚନା ହେବା ଆବଶ୍ୟକ ବୋଲି 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ଅକ୍ଷୟ ତୃତୀୟା ମହୋତ୍ସବରେ ଅତିଥିଗଣ ମତପ୍ରକାଶ କରିଛନ୍ତି। ଭାରତୀୟ ବିଦ୍ୟାଭବନରେ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଡ. ସୁବାସ ପାଣି, ମୁଖ୍ୟବକ୍ତା ଡ. ସୁରେନ୍ଦ୍ର ନାଥ ଦାଶ ଓ ସମ୍ମାନୀତ ବକ୍ତା ଭାବେ ଡ. ଅର୍ଚ୍ଚନା ନାୟକ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅକ୍ଷୟ ତୃତୀୟା ଉପଲକ୍ଷେ ଚଳିତ ବର୍ଷ ପାଇଁ ପ୍ରକାଶ ପାଇବାକୁ ଯାଉଥିବା ପୁସ୍ତକ 'ଅପରୂପ ଶ୍ରୀଜଗନ୍ନାଥ' ପାଇଁ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ ଅଙ୍କିତ ପ୍ରଚ୍ଛଦ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଚିତ୍ରଶିଳ୍ପୀ ଶ୍ରୀ ମହାରଥା ଚିତ୍ରର ବୈଶିଷ୍ଟ୍ୟ ସଂପର୍କରେ ଆଲୋକପାତ କରିଥିଲେ। ସଭାରେ ଡକ୍ଟର ଭାସ୍କର ମିଶ୍ରଙ୍କ ଦ୍ୱାରା ରଚିତ ବଡ଼ ଦେଉଳରେ ବିରାଜିତ ବିରଳ ବିଜେ ପ୍ରତିମା ପୁସ୍ତକ ଅତିଥିଗଣଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଥିଲା। ପୁସ୍ତକରେ ପ୍ରକାଶ ପାଇବାକୁ ଯାଉଥିବା ତିନୋଟି ଆକର୍ଷଣୀୟ ରଚନା ସମ୍ପର୍କରେ ଡ. ଅସିତ ମହାନ୍ତି, ଡ. ଭାସ୍କର ମିଶ୍ର ଓ ଡ. ସୁଷମା ମିଶ୍ର ଆଲୋକପାତ କରିଥିଲେ ଓ ସେହି ଲେଖା ତିନୋଟି ରଥକାଠରୂପେ ଶ୍ରୀଜଗନ୍ନାଥଙ୍କ ପାଖେ ସମର୍ପଣ କରାଯାଇଥିଲ। ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ବିଶେଷ ଅବଦାନ ପାଇଁ ଚଳିତ ବର୍ଷ ଡାକ୍ତର ଶୈଳେଶ୍ୱର ନନ୍ଦଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ, ପଦ୍ମଶ୍ରୀ କୁମ୍ କୁମ୍ ମହାନ୍ତିଙ୍କୁ ଦେବୀ ସୁଭଦ୍ରା ସମ୍ମାନ, ଡ. ଉମେଶ ଚିହ୍ନରାଙ୍କୁ ଶ୍ରୀବଳଭଦ୍ର ସମ୍ମାନ, ପଣ୍ଡିତ ଦାଶରଥି ସାମନ୍ତରାୟଙ୍କୁ ଶ୍ରୀ ସୁଦର୍ଶନ ସମ୍ମାନ ଓ ଧର୍ମଗ୍ରନ୍ଥ ଷ୍ଟୋରକୁ ଶ୍ରୀନନ୍ଦିଘୋଷ ସମ୍ମାନ ପ୍ରଦାନ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ଡ. ଭାସ୍କର ମିଶ୍ର, ଡ. ସୁଷମା ମିଶ୍ର, ଡ. ପ୍ରବୀଣା ମହାନ୍ତି, କୁସୁମ ପଟେଲ ଓ ତନ୍ଦ୍ରାଳସା ଦାସ। ସଭାରେ ସ୍ୱାଗତ ଭାଷଣ ଦେବା ସହ ସଂଯୋଜନା କରିଥିଲେ ସଂପାଦକ ପୀତବାସ ରାଉତରାୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଆବାହକ ରମାକାନ୍ତ ମିଶ୍ର। ସଭା ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ମଧୁସ୍ମିତା ବିଶ୍ୱାଳ ଭକ୍ତି ସଂଗୀତ ଗାନ କରିଥିଲେ। ସଭାରେ ପୂର୍ବତନ ସଭାପତି ସାତକଡ଼ିହୋତା ଓ ପୂର୍ବତନ ସୁଭଦ୍ରା ସମ୍ମାନ ପ୍ରାପ୍ତ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୩ରେ ମତଦାନ...

ପୋଲିଂ ପାର୍ଟି। ନୂଆପଡ଼ାର ନ୍ୟାସନାଲ କଲେଜ ପରିସରରୁ ଖଡ଼ିଆଳ ଅଭିମୁଖେ ପୋଲିଂ ପାର୍ଟି ବାହାରିଥିବା ବେଳେ ରବିବାର ପଡ଼ିବ ନୂଆପଡ଼ା ବିଧାନସଭାର ବୁଥ୍ ଗୁଡ଼ିକର ପାଳି। କିଛି ଦୁର୍ଗମ ସ୍ଥାନକୁ ହେଲିକପ୍ଟରରେ ପୋଲିଂ ଟିମ୍ ଯିବାର କାର୍ଯ୍ୟକ୍ରମ ରହିଛି। ଏଣେ ବ୍ରହ୍ମପୁରର ୟୁସିପି ଇଞ୍ଜିନିୟରିଂ କଲେଜ ପରିସରରେ ପ୍ରଶାସନ ପକ୍ଷରୁ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ଏଥର ବହୁ ପୋଲିଂ ଅଧିକାରୀ ପ୍ରଥମ ଥର ଇଲେକ୍ସନ ଡ୍ୟୁଟିରେ ଯାଉଥିବା ବେଳେ, ଅନେକ ବଖାଣିଛନ୍ତି ନିଜର ଅଭୁଲା ଅଭିଜ୍ଞତା।

ବ୍ରହ୍ମପୁର ବିଧାନସଭା ନିର୍ବାଚନ ପାଇଁ ୧୭ ଜଣ ପ୍ରାର୍ଥୀ ଥିବାରୁ ସେଠାରେ ଦୁଇଟି ଇଭିଏମ୍ ବ୍ୟବହୃତ ହେବ। ୬୦ ପ୍ରତିଶତ ବୁଥ୍‌ରୁ ଲାଇଭଷ୍ଟ୍ରିମ୍ ବ୍ୟବସ୍ଥା କରାଯାଇଥିବା ବେଳେ, ୧୨୬୪ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ସୁରକ୍ଷା ପାଇଁ ବିଭିନ୍ନ ଫୋର୍ସର ୨ଶହରୁ ଅଧିକ କଂପାନୀ ଯବାନ ମୁତୟନ ହୋଇଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି।

## ଓଡ଼ିଶାକୁ ୧ ନମ୍ବର କରିବାକୁ...

ଆମ ମୁଖ୍ୟମନ୍ତ୍ରୀ ୩ ବର୍ଷରେ ବିଜୁ ଏକ୍ସପ୍ରେସ ୱେ କରି ଦେଖେଇଦେଲେ, ମାନ୍ୟବର ପ୍ରଧାନମନ୍ତ୍ରୀ ଓଡ଼ିଶାରେ ଇତିମଧ୍ୟରେ ବହୁତ ଶିଳାନ୍ୟାସ କରିଛନ୍ତି, ଶିଳାନ୍ୟାସ ମଧ୍ୟରୁ କେତୋଟିର ଉଦ୍‌ଘାଟନ ହୋଇଛି ବୋଲି ସେ ପ୍ରଶ୍ନ କରିଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦିଅନ୍ତୁ, ଓଡ଼ିଶାରେ ଇଣ୍ଡିଆନ ଅଏଲ, ଏନ୍.ଟି.ପି.ସି ଭଳି ବହୁ ରାଷ୍ଟ୍ରୀୟ କମ୍ପାନୀ ରହିଛି, ଏଥିରେ ଓଡ଼ିଆ ପିଲା ନିଯୁକ୍ତି ପାଉନାହାନ୍ତି, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ, ପେଟ୍ରୋଲ, ଡିଜେଲ, ଏଲ୍.ପି.ଜି. ଦରଦାମ ବଢ଼ିବ ନାହିଁ ବୋଲି ଗ୍ୟାରେଣ୍ଟି ଦିଅନ୍ତୁ, କୋଷ୍ଟାଲ ହାଇୱେ ୧୦ ବର୍ଷ ହେଲା ହୋଇପାରୁନାହିଁ, କୋଲ ରୟାଲଟି ବୃଦ୍ଧି ପାଇଁ ବାରମ୍ବାର ଅନୁରୋଧ ସତ୍ତ୍ୱେ ହୋଇପାରୁନାହିଁ, ଓଡ଼ିଶାରେ ବିପୁଳ କୋଇଲା ସମ୍ପଦ ରହିଛି କିନ୍ତୁ ରୟାଲଟି ବାବଦରେ କେନ୍ଦ୍ର ନେଉଛି କୋଟି କୋଟି ଟଙ୍କା ଓଡ଼ିଶା ପାଉଛି କେବଳ ପ୍ରଦୂଷଣ, ଗ୍ରୀନସେସ୍ ବାବଦକୁ ଯେତିକି ନେଉଛନ୍ତି ସେଥିରେ ଓଡ଼ିଶାର ସବୁ ସ୍କୁଲ ରୂପାନ୍ତର ହୋଇଯାଇଥାନ୍ତା । ଏଥିପ୍ରତି ଦୃଷ୍ଟିଦେବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

ସେ ପୁଣି କହିଥିଲେ ଯେ କନ୍ଧମାଳରେ ବିଜେପି ଦଙ୍ଗା କରିଥିଲା, ଆଜି ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ କନ୍ଧମାଳରେ ଶାନ୍ତି ଅଛି, ସମସ୍ତେ ଭାଇଚାରାରେ ରହିଛନ୍ତି, ପ୍ରଧାନମନ୍ତ୍ରୀଙ୍କୁ ବିନମ୍ରତାର ସହ ଜଣାଇଥିଲେ ଯେ ଆପଣ କହୁଛନ୍ତି ଜୁନ୍ ୪ ତାରିଖରେ ନବୀନ ପଟ୍ଟନାୟକ ସରକାରଙ୍କର ଅବସାନ ଘଟିବ, ଆପଣ ଆଗ ଆପଣଙ୍କ ଦଳର ମୁଖ୍ୟମନ୍ତ୍ରୀ ଚେହେରାକୁ ଆଗକୁ ଆଣନ୍ତୁ, ଓଡ଼ିଶାବାସୀ ଉଚିତ ଜବାବ ଦେବେ, ଆମ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଯେଉଁ କଥା ଦିଅନ୍ତି ତାକୁ ମନେ ରଖନ୍ତି ଓ ଆନ୍ତରିକତାର ସହ ହୃଦୟରୁ ପାଳନ କରନ୍ତି, ସେଥିପାଇଁ ନବୀନ ପଟ୍ଟନାୟକ ୨୪ ବର୍ଷ ଧରି ଲୋକଙ୍କ ହୃଦୟରେ ଅଛନ୍ତି, ଲୋକଙ୍କ ହୃଦୟରୁ ତାଙ୍କୁ କେହି ବି ଦୂର କରିପାରିବେ ନାହିଁ, ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କୁ କେବେ ବି ସେ ହଇରାଣ ହେବାକୁ ଦେବେ ନାହିଁ, ସେଥିପାଇଁ ପ୍ରତି ମାସରେ ବି.ଏସ୍.କେ.ୱାଇରେ ସେ ୩୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଅଥଚ ଭାରତ ସରକାର ସମଗ୍ର ଭାରତ ବର୍ଷ ପାଇଁ ବର୍ଷକୁ ୬ ହଜାର କୋଟି ଟଙ୍କା ରଖିଛନ୍ତି, ଗ୍ରାମାଞ୍ଚଳବାସୀଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ଆମ ବ୍ୟାଙ୍କ ଖୋଲାଯାଇଛି, ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କ ପାଇଁ ଯାହା କରିଥାନ୍ତି ତାକୁ ଅନ୍ୟ ରାଜ୍ୟମାନେ ଅନୁସରଣ କରନ୍ତି । ଏବେ ନିର୍ବାଚନ ଆସିଲା, ବିଜେପି ଦଳର ଏମ୍.ଏସ୍.ପି. କଥା ମନେ ପଡ଼ିଲା, ୧୦ ବର୍ଷ ହେଲା ମନେ ପଡୁନଥିଲା, ଯଦି ଭାରତ ସରକାର ଚାହିଁଥାନ୍ତେ ତାହେଲେ ଗୋଟେ ମିନିଟରେ କରିପାରିଥାନ୍ତେ, ନିର୍ବାଚନରେ ହାରିବା ଦେଖି ଚାଷୀଙ୍କ କଥା ମନେ ପଡୁଛି, ଚାଷୀ ଆନ୍ଦୋଳନ କରି ଭାରତରେ ବହୁ ଚାଷୀ ବଳିଦାନ ଦେଇଛନ୍ତି, ଏମ୍.ଏସ୍.ପି. ଯଦି ଆଗରୁ ବଢ଼େଇଥାନ୍ତେ ତେବେ ଏହା ଘଟି ନଥାନ୍ତା ।

ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କ ହୃଦୟରେ ଅଛନ୍ତି, ଓଡ଼ିଶାବାସୀଙ୍କ ସୁଖଦୁଃଖରେ ଅଛନ୍ତି, ମୁଖ୍ୟମନ୍ତ୍ରୀ ସବୁବେଳେ ଲୋକଙ୍କ ପ୍ରତି ଉତ୍ତରଦାୟୀ ହୋଇ ରହିଥାନ୍ତି, ସେଥିପାଇଁ ସବୁ କାମର ସେ ହିସାବ ଦେଇଥାନ୍ତି, ଆଦିବାସୀ ଭାଇ ଭଉଣୀମାନଙ୍କୁ ବହୁତ ଭଲ ପାଆନ୍ତି, ସେମାନଙ୍କ କଳା, ସଂସ୍କୃତି ଓ ପରିଚୟର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି ଯାହା ଦେଶରେ ବିରଳ ।

ଜୁଲାଇ ମାସରୁ ଓଡ଼ିଶାର ଜନସାଧାରଣଙ୍କୁ ଆଉ ବିଜୁଳି ବିଲ୍ ଦେବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି, ନବୀନ ବାବୁ ଲୋକଙ୍କୁ ବିଜୁଳି ମାଗଣାରେ ଦେଉଛନ୍ତି ଜାଣି ବିରୋଧୀଙ୍କୁ କରେଣ୍ଟ ଲାଗିଗଲାଣି, ବିରୋଧୀ ନିର୍ବାଚନ ସମୟରେ ଟୁରିଷ୍ଟ ଭଳି ଆସୁଛନ୍ତି, ବଡ଼ ବଡ଼ କଥା କହୁଛନ୍ତି କିନ୍ତୁ ସେମାନଙ୍କ କଥାକୁ କେହି ବିଶ୍ୱାସ କରୁନାହାନ୍ତି, ଓଡ଼ିଶାର ଚାଷୀ, ମା' ଛାତ୍ରଛାତ୍ରୀ ଓ ସବୁବର୍ଗର ଲୋକଙ୍କ ଭଲପାଇବା ନବୀନ ବାବୁଙ୍କୁ ଶକ୍ତି ଦେଉଛି ଓଡ଼ିଶାବାସୀଙ୍କ ସେବା କରିବା ପାଇଁ ବୋଲି ସେ କହିଥିଲେ ।

କେନ୍ଦ୍ରମନ୍ତ୍ରୀଙ୍କୁ ଶାଣିତ ଆକ୍ରମଣ କରି କହିଥିଲେ ଯେ ସବୁଜାଗାରେ ପରିବର୍ତ୍ତନର ହାୱା ବହୁଛି ବୋଲି ଆପଣ କହୁଛନ୍ତି, କିନ୍ତୁ ଓଡ଼ିଶାରେ ସବୁଆଡ଼େ ନବୀନ ହାୱା ବହୁଛି, ମୁଁ ଗୋଟେ ଛୋଟ କର୍ମଚାରୀ ହୋଇ ଆପଣଙ୍କୁ ଆହ୍ୱାନ କରୁଛି ଯେ ତିନି ଚତୁର୍ଥାଂଶ ବହୁମତରେ ଆସି ନବୀନ ବାବୁ ଯଦି ମୁଖ୍ୟମନ୍ତ୍ରୀ ନ ହେବେ ମୁଁ ରାଜନୀତି ଛାଡ଼ିଦେବି, ଆପଣ କେନ୍ଦ୍ରମନ୍ତ୍ରୀ ହୋଇ କହିପାରିବେ କି ଯଦି ଆପଣଙ୍କ ଦଳ ଯଦି ନ ଆସିବ ଆପଣ ରାଜନୀତି ଛାଡ଼ିଦେବେ କି ? ସରକାର ଗଠନ କରିବେ ବୋଲି ଆପଣଙ୍କର ବିଶ୍ୱାସ ନାହିଁ କି ? ଆପଣଙ୍କ କର୍ମୀମାନଙ୍କର ମଧ୍ୟ ବିଶ୍ୱାସ ନାହିଁ, ଜୁନ ୯ରେ ଦିନ ୧୧.୩୦ ରୁ ୧.୩୦ ମଧ୍ୟରେ ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଏବଂ ସନ୍ଧ୍ୟାବେଳେ ନିର୍ବାଚନ ଇସ୍ତାହାରକୁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ପାସ୍ କରିବେ, ନବୀନ ବାବୁ ଓଡ଼ିଶାବାସୀଙ୍କ ପାଇଁ ମିଶନ ଶକ୍ତି, ମମତା, କାଳିଆ, ଲକ୍ଷ୍ମୀ ବସ୍, ମଧୁବାବୁ ପେନସନ୍ ଆଦି ବହୁ ଜନକଲ୍ୟାଣକାରୀ ଯୋଜନା ଦେଇଛନ୍ତି, ସେଥିପାଇଁ ସେ ଓଡ଼ିଶାବାସୀଙ୍କ ହୃଦୟକୁ ଜିତିଛନ୍ତି । ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ନବୀନ ଇଞ୍ଜିନ ଜୋରରେ ଚାଲିଛି ।

ରଘୁନାଥପାଲ୍ଲୀ ଓ ବୀରମିତ୍ରପୁରରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ହିସାବ ଲୋକଙ୍କୁ ସେ ଦେଇଥିଲେ, ଏବଂ ବିଜୁ ଜନତା ଦଳର କର୍ମୀର ଉଦ୍ୟମ ଓ ନିଷ୍ଠା ଆଗରେ ଦୁନିଆର ସବୁ ଶକ୍ତି ହାର ମାନିବ ବୋଲି ସେ କର୍ମୀମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମରେ ସାଂସଦ ପ୍ରାର୍ଥୀ ଦିଲ୍ଲୀପ ତିର୍କୀ ବିଧାୟକ ପ୍ରାର୍ଥୀ ଅର୍ଚ୍ଚନା ରେଖା ବେହେରା, ରୋହିତ ଜୋସେଫ୍ ତିର୍କୀ ଓ ଭୀମସେନ୍ ଚୌଧୁରୀ ଉଦ୍‌ବୋଧନ ମାଧ୍ୟମରେ ସେମାନଙ୍କୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ କରିବା ପାଇଁ ନିବେଦନ କରିଥିଲେ।

## ଋଣ ଦେବୁ ଯେ, ଶୁଝିପାରିବ ତ...

ଦଳ ଶୁକ୍ରବାର ଅଧିକାରୀମାନଙ୍କ ସହ ଆଲୋଚନା ପାଇଁ ଏଠାରେ ପହଞ୍ଚିଥିବାବେଳେ ପାକିସ୍ତାନର ଅର୍ଥନୀତିକୁ ନେଇ ଆଇଏମଏଫର ଏହି ଆକଳନ ଆସିଛି ।

ଇସ୍‌ଲାମାବାଦ ବିସ୍ତାରିତ ପାଣ୍ଠି ସୁବିଧା (ଇଏଫ୍ଏଫ୍) ଅଧୀନରେ ଏକ ନୂତନ ବେଲଆଉଟ୍ ପ୍ୟାକେଜ୍ ( ସହାୟତା ପ୍ୟାକେଜ) ପାଇଁ ଅନୁରୋଧ କରିଥିଲା। ଏହି ଅନୁରୋଧ ଉପରେ ଆଲୋଚନା କରିବାକୁ ଆସିଛି ଆଇଏମଏଫ ଟିମ୍ ।

ଚଳିତ ମାସ ପ୍ରାରମ୍ଭରେ ପାକିସ୍ତାନ ଉପରେ ପ୍ରକାଶିତ ଏକ ରିପୋର୍ଟରେ ଆଇଏମଏଫକୁ ଉଦ୍ଧୃତ କରି କୁହାଯାଇଛି ଯେ ଋଣ ପରିଶୋଧ କରିବାରେ ପାକିସ୍ତାନର ସାମର୍ଥ୍ୟ ଗମ୍ଭୀର ବିପଦର ସମ୍ମୁଖୀନ ହୋଇଛି । ଏପରିକି ଏହା ନିଜର ନିୟମିତ ବ୍ୟୟ ପାଇଁ ବାହ୍ୟଋଣ ଉପରେ ନିର୍ଭର କରୁଛି ।

## ଓଡ଼ିଶାରେ ବିଜେଡି ସରକାରର ...

ଏଣୁ ବିଜେପି ଓଡ଼ିଆ ଅସ୍ମିତାକୁ ରକ୍ଷା କରିବାକୁ ସଂକଳ୍ପବଦ୍ଧ। ଜୁନ୍ ୪ ତାରିଖ ହେଉଛି ବିଜେଡିର ଏକ୍ସପାରି ଡେଟ୍। ଜୁନ୍ ୧୦ ତାରିଖରେ ଭୁବନେଶ୍ୱରରେ ବିଜେପିର ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବେ। ଯିଏ ଓଡ଼ିଶା ମାଟିରେ ଜନ୍ମ ନେଇଥିବ, ଯିଏ ଏଠାକାର ସଂସ୍କୃତି ବିଷୟରେ ଜାଣିଥିବେ। ଏହା ହେଉଛି ମୋଦି ଗ୍ୟାରେଣ୍ଟି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହୁରି କହିଛନ୍ତି, ଏଠାକାର ମୁଖ୍ୟମନ୍ତ୍ରୀ ଆପଣଙ୍କ କ୍ଷମତା କି ସାମର୍ଥ୍ୟ ବିଷୟରେ ଜାଣିନାହାନ୍ତି। ନବୀନ ବାବୁ ବିନା କାଗଜ ଧରି କଣ୍ଟାବାଞ୍ଜିର ୧୦ଟା ଗାଁର ନାମ କହିପାରିବେନି। ଓଡ଼ିଶାରେ ଏଥର ଡବଲ ଇଞ୍ଜିନ ସରକାର। ମୁଖ୍ୟମନ୍ତ୍ରୀଙ୍କୁ ବାଣ ବାଜା ବଜାଇ ବିଦା କରନ୍ତୁ। ବିଜେଡିର ନେତାମାନେ ଧନୀ ହୋଇଗଲେଣି। କିନ୍ତୁ ଏଠାକାର ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି।

ଓଡ଼ିଶା ଗରିବ ମା' ଭଉଣୀଙ୍କ ଜମା ଖାତାକୁ କେନ୍ଦ୍ର ସରକାର ୬ ହଜାର ଟଙ୍କା ଦେବାକୁ ଚାହୁଁଛି। ହେଲେ ଓଡ଼ିଶା ସରକାର ସେ ଟଙ୍କାରୁ ମହିଳାମାନଙ୍କୁ ବଞ୍ଚିତ କରୁଛନ୍ତି। ଏଭଳି ସରକାର ଓଡ଼ିଶାରେ ରହିବା ଉଚିତ ନୁହେଁ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ସେ ଆହୁରି କହିଛନ୍ତି, ଓଡ଼ିଆ କଳାସଂସ୍କୃତିର ସେବା କରୁଥିବା ୪ ଓଡ଼ିଆଙ୍କୁ ପଦ୍ମଶ୍ରୀ ଦିଆଯାଇଛି। କୋଣାର୍କ ସୂର୍ଯ୍ୟମନ୍ଦିର ଚକ୍ରକୁ ଜି-୨୦ର ପ୍ରତୀକ କରାଯାଇଥିଲା। ଆମ ସରକାର ପାଇକ ସଂଗ୍ରାମକୁ ସ୍ୱୀକୃତି ଦେଇ ଡାକଟିକେଟ କରିଛି।

## ୨୦ ବର୍ଷ ପରେ ପୃଥିବୀ ସହ ମାଡ ହେବ...

ପରିଲକ୍ଷିତ ହୋଇନାହିଁ। ରିପୋର୍ଟ ଅନୁଯାୟୀ ଏହା ଯୋଗାଯୋଗ ନେଟୱାର୍କ, ସାଟେଲାଇଟ ଅପରେସନ ଏବଂ ଉଚ୍ଚ ଫ୍ରିକ୍ୱେନ୍ସି ରେଡିଓ ତରଙ୍ଗର ବିପଦକୁ ବଢାଇପାରେ। ଏହି କାରଣରୁ ବାଇଡେନ ପ୍ରଶାସନ ସମେତ ଅଧିକାରୀମାନଙ୍କୁ ସତର୍କ ରହିବାକୁ ପଡ଼ିବ। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ସୂର୍ଯ୍ୟଙ୍କଠାରୁ ବିକିରଣର ବୃଦ୍ଧି ଏବଂ କରୋନାଲ ମାସ ନିର୍ଗମନ ପୃଥିବୀରେ ଯୋଗାଯୋଗକୁ ବାଧା ଦେଇପାରେ। ଜିପିଏସ ସିଷ୍ଟମ, ମହାକାଶଯାନ ଏବଂ ମହାକାଶଚାରୀମାନେ ମଧ୍ୟ ଏହି କାରଣରୁ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

## ୭୫ ବର୍ଷ ବୟସ ପରେ ବି ...

ପଚାରୁଛନ୍ତି, କିନ୍ତୁ ମୁଁ ବିଜେପିକୁ ପଚାରୁଛି, ସେମାନଙ୍କର ପ୍ରଧାନମନ୍ତ୍ରୀ କିଏ ହେବ? ଆସନ୍ତା ବର୍ଷ ସେପ୍ଟେମ୍ବର ୧୭ରେ ନରେନ୍ଦ୍ର ମୋଦି ୭୫ ବର୍ଷରେ ପଦାର୍ପଣ କରିବେ। ସେ ନିଜେ ୨୦୧୪ରେ ନିୟମ କରିଥିଲେ ଯେ ୭୫ ବର୍ଷର ଲୋକଙ୍କୁ ଅବସର ଦିଆଯିବ। କେଜ୍ରିୱାଲଙ୍କୁ ଜବାବ ଦେଇ ଅମିତ ଶାହ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏକ ବଡ଼ ଭ୍ରାନ୍ତିରେ ଅଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ୭୫ ବର୍ଷ ବୟସରେ ଇସ୍ତଫା ଦେବେ। "ମୁଁ ଅରବିନ୍ଦ କେଜ୍ରିୱାଲ ଏବଂ କମ୍ପାନୀ ଏବଂ ଇଣ୍ଡିଆ ମେଣ୍ଟକୁ କହିବାକୁ ଚାହୁଁଛି ଯେ ବିଜେପି ସମ୍ବିଧାନରେ (୭୫ ବର୍ଷ ବୟସସୀମା) ସେଭଳି କୌଣସି ଉଲ୍ଲେଖ ନାହିଁ। ପିଏମ ମୋଦି କେବଳ ଏହି କାର୍ଯ୍ୟକାଳ ପୂରଣ କରିବାକୁ ଯାଉନାହାନ୍ତି, ବରଂ ଭବିଷ୍ୟତରେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ନେତୃତ୍ୱ ଜାରି ରଖିବେ । ଏହାକୁ ନେଇ ଦେଶରେ କୌଣସି ଦ୍ୱନ୍ଦ୍ୱ ନାହିଁ। "

## ପ୍ରଳୟଙ୍କରୀ ବନ୍ୟା...

ଏବଂ ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ବୋଲି ଆଇଓଏମ କହିଛି। କହିବାକୁ ଗଲେ ଶୁକ୍ରବାର ରାତିରେ ତାଲିବାନ ସରକାରୀ କର୍ମଚାରୀ କହିଥିଲେ ଯେ ୬୨ ଜଣଙ୍କର ମୃତ୍ୟୁ ହୋଇଛି। ଅପରପକ୍ଷରେ ଶନିବାର ଦିନ ସରକାରୀ ମୁଖପାତ୍ର ଜବିଉଲ୍ଲାହ ମୁଜାହିଦ୍ କହିଛନ୍ତି ବନ୍ୟା ଯୋଗୁଁ ଆମର ଶତାଧିକ ନାଗରିକଙ୍କର ମୃତ୍ୟୁ ହୋଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ଅଧିକାରୀ ନିୟୋଜିତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟ ମଧ୍ୟ ଚାଲିଛି।

## ଆଦିବାସୀ କବି ପୂର୍ଣ୍ଣମାସୀ...

ଅନୁରୋଧ କରିଥିଲେ। ସେ କହିଛନ୍ତି, ଭାରତର ଜନସାଧାରଣ ନିଜର ନିଷ୍ପତ୍ତି ନେଇଛନ୍ତି ଲୋକସଭା ନିର୍ବାଚନରେ ଏନଡିଏ ୪୦୦ ଆସନ ଅତିକ୍ରମ କରିବ। ବିରୋଧୀ ୫୦ ଟି ଆସନରେ ସୀମିତ ରହିବେ ।

# ରାଇଘର ଅଞ୍ଚଳରେ ମାଓ ବ୍ୟାନର

**ରାଇଘର, ନ୍ୟୁଜ ବ୍ୟୁରୋ**

ପୋଲିସ ଏବଂ ନକ୍ସଲ ମଧ୍ୟରେ ଗୁଳି ବିନିମୟରେ ଜଣେ ନକ୍ସଲଙ୍କ ମୃତ୍ୟୁ ପରେ ଶୁକ୍ରବାର ପୁଣି ମାଓ ବ୍ୟାନର ଓ ଲିଫଲେଟ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଗୁରୁବାର ନବରଙ୍ଗପୁର ରାଇଘର ବ୍ଲକ ସୀମାନ୍ତ ଠାରୁ ମାତ୍ର କିଛି କିଲୋମିଟର ଦୂରରେ ରହିଥିବା ଛତିଶଗଡ଼ର ଗରେବା ଜଙ୍ଗଲରେ ମିଳିତ ବାହିନୀ ନକ୍ସଲମାନଙ୍କ ସହ ମୁହାଁମୁହିଁ ହୋଇଥିଲେ। ମିଳିତ ସୁରକ୍ଷାବାହିନୀ ଏବଂ ନକ୍ସଲ ମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ବେଳେ ମିଳିତ ବାହିନୀର ଏନ୍‌କାଉଣ୍ଟରରେ ଜଣେ ନକ୍ସଲର ମୃତ୍ୟୁ ଘଟିଥିଲା ଏବଂ ବହୁ ଆପତ୍ତିଜନକ ନକ୍ସଲ ସାମଗ୍ରୀ ଜବତ କରାଯାଇଥିଲା। ପୁଣି ଶୁକ୍ରବାର ରାଇଘର ଥାନା ଯୋଡ଼ିଙ୍ଗା ଓ ଗଞ୍ଜାପାରା ଠାରେ ମାଓ ବ୍ୟାନର ଓ ଲିଫଲେଟ ଦେଖିବାକୁ ମିଳିଛି। ଖବର ପାଇ ପୋଲିସ ପହଞ୍ଚି ବ୍ୟାନର ଓ ଲିଫଲେଟ୍‌କୁ ଜବତ କରିଛି। ଚଳିତ ବର୍ଷ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ବହିଷ୍କାର, ଡ୍ରୋନ ଦ୍ୱାରା ଆକ୍ରମଣ ବନ୍ଦ ଏବଂ ବନ ସଂରକ୍ଷଣ ଆଇନ ୨୦୨୩ କୁ ରଦ୍ଦ ନକରିବା ପର୍ଯ୍ୟନ୍ତ ଆନ୍ଦୋଳନ କରନ୍ତୁ ବୋଲି ଭାକପା ମାଓବାଦୀ ଦ୍ୱାରା ଲେଖା ଯାଇଥିବା ଦେଖିବାକୁ ମିଳିଛି।

# ଏସସିବି ଟ୍ରମା କାଜୁଆଲଟିରେ ଅଂଶୁଘାତ ରୋଗୀଙ୍କ ହେବ ଆଶୁ ଚିକିତ୍ସା




**କଟକ, ନ୍ୟୁଜ ବ୍ୟୁରୋ**

ସାମନ୍ୟ ଆଶ୍ୱସ୍ତି ପରେ ପୁଣି କଟକରେ ଆରମ୍ଭ ହେଲାଣି ପ୍ରଚଣ୍ଡ ରୁଦ୍ରତାପ। ଯାହାକୁ ନେଇ ଜନସାଧାରଣ ଜୀବନ ଯାପନ ଏକ ପ୍ରକାର ଅସ୍ତବ୍ୟସ୍ତ ହେଲାଣି। ଆଗକୁ ଆହୁରି ତାପମାତ୍ରାରେ ପାରଦ ବୃଦ୍ଧି ଘଟିବ ବୋଲି ପାଣିପାଗ ପକ୍ଷରୁ ପୂର୍ବାନୁମାନ କରାଯାଉଛି। ବର୍ତ୍ତମାନ ଦୁଇରୁ ତିନି ଦିନ ପାଗ ଟିକେ କୋହଳା ରହିବା ପରେ ପୁଣି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି । ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ସହ ଅଂଶୁଘାତ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ଘଟୁଛି। ତେବେ ଅଂଶୁଘାତ ମୁକାବିଲା ପାଇଁ ପ୍ରସ୍ତୁତ ପ୍ରକ୍ରିୟା ରହିଛି କଟକ ଏସସିବି ବଡ଼ ମେଡିକାଲ। ଟ୍ରମା କାଜୁଆଲଟିରେ ୧୦ଟି ବେଡ଼ ବ୍ୟବସ୍ଥା ରହିଛି। ଏହାସହ ଡକ୍ଟରଙ୍କ ନିର୍ଦ୍ଦେଶକ୍ରମେ ବରଫ ସ୍ଲାବ ମଧ୍ୟ ରହିଛି। ଯାହା ଗୁରୁତର ଅଂଶୁଘାତ ରୋଗୀମାନଙ୍କୁ ଆଶୁ ଚିକିତ୍ସା ଯୋଗାଇ ପାରିବ। ରାଜ୍ୟରେ କିଛି ଦିନ କାଳବୈଶାଖୀ ବର୍ଷା ହେବା ପରେ ପୁଣି ଗ୍ରୀଷ୍ମ ପ୍ରବାହ ଅନୁଭବ ହେବା ଆରମ୍ଭ ହୋଇଛି। ତେଣୁ କଟକ ଏସସିବି ମେଡିକାଲ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ମେଡ଼ିସିନ ବିଭାଗୀୟ ମୁଖ୍ୟଙ୍କୁ ଆବଶ୍ୟକ ମୁତାବକ ଡାକ୍ତର, ପାରାମେଡିକ୍ ଓ ନର୍ସିଂ ଅଧିକାରୀଙ୍କୁ ନିୟୋଜିତ କରିବା ନେଇ ନିର୍ଦ୍ଦେଶ ଦିଆଯିବା ସହ ଅଂଶୁଘାତ ସମ୍ପର୍କିତ ଔଷଧ ପର୍ଯ୍ୟାପ୍ତ ପରିମାଣର ରଖିବା ପାଇ ଷ୍ଟୋର ମେଡ଼ିସିନ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଟ୍ରମା କାଜୁଆଲଟିରେ ୧୦ଟି ବେଡ଼ ବ୍ୟବସ୍ଥା ସହ ବରଫ ସ୍ଲାବର ମଧ୍ୟ ବ୍ୟବସ୍ଥା କରାଯାଇଛି। କିଛି ଦିନ ପୂର୍ବରୁ ଏସସିବିର ନନ୍ ଟ୍ରମା କାଜୁଆଲଟିରେ ଏସି କାମ ନକରିବାରୁ ଅନେକ ରୋଗୀ ହସ୍ତସନ୍ତ ହୋଇଥିଲେ। ଅନ୍ୟ ଘରୋଇ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ଏହାକୁ ନଜରରେ ରଖି ଉଭୟ ଟ୍ରମା ଓ ନନ୍ ଟ୍ରମା କାଜୁଆଲଟିରେ ଯେପରି ଇଲେକ୍ଟ୍ରି ତ୍ରୁଟି ନରୁହେ ସେ ଦିଗରେ ଧ୍ୟାନ ଦେବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ବିଦ୍ୟୁତ୍ ବିଭାଗକୁ ଅବଗତ କରାଇଛନ୍ତି। କାରଣ ବର୍ତ୍ତମାନ ସମୟରେ ଖରା ପୁଣି ପ୍ରଚଣ୍ଡ ରୂପ ନେବାରେ ଲାଗିଲାଣି । ତେଣୁ ଉପଯୁକ୍ତ ଚିକିତ୍ସା ଯୋଗାଇବା ପାଇଁ ଏସ୍‌ସିବି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# କଲ୍ୟାଣସିଂହପୁର ରେଞ୍ଜରେ ୨ ହାତୀଦାନ୍ତ ଜବତ : ଦୁଇ ଅଟକ

**ରାୟଗଡା, ନ୍ୟୁଜ ବ୍ୟୁରୋ**



ବନଖଣ୍ଡ କଲ୍ୟାଣସିଂହପୁର ରେଞ୍ଜରେ ବନବିଭାଗ ପକ୍ଷରୁ ଦୁଇଟି ହାତୀ ଦାନ୍ତ ଜବତ କରିବା ସହ ଦୁଇ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା ଚଳାଇଛନ୍ତି। ସୂଚନା ଅନୁଯାୟୀ ରାୟଗଡା ବନଖଣ୍ଡ ଅଧିକାରୀ ସଚିନ ଆନାସାହେବ ଓହଲ କୌଣସି ସୂତ୍ରରୁ ସୂଚନା ମିଳିବାରୁ ଗୁଡାରି ରେଞ୍ଜର ଦିଲୀପ ପଟ୍ଟନାୟକ, ରାୟଗଡା ରେଞ୍ଜର କାମେଶ ରାଓ ଆଚାରୀ, ସମେତ କଲ୍ୟାଣସିଂହପୁର ବନପାଳ ପ୍ରଦୀପ କୁମାର ଜେନା ପ୍ରମୁଖ ନାରାୟଣପୁର ପଞ୍ଚାୟତର ଶିବମନ୍ଦିର ପ୍ରାଙ୍ଗଣରେ ଥିବା କଲ୍ୟାଣମଣ୍ଡପ ନିକଟରେ ଦୁଇଜଣ ସୁରେନ୍ଦ୍ର ନାହାକ, ଶଙ୍କର କଣ୍ଡାଗରୀ ହାତୀ ଦାନ୍ତ ରଖି ରୋଷେଇ କରୁଥିବା ବେଳେ ଚଢ଼ାଉ କରିଥିଲେ। ଦୁଇ ହାତୀ ଦାନ୍ତ ସହ ଦୁଇ ଲୋକଙ୍କୁ କଲ୍ୟାଣସିଂହପୁର ରେଞ୍ଜର ଶିକରପାଇ ସେକ୍ସନରେ ଅଟକ ରଖି ପଚରା ଉଚରା ଚଳାଇଛନ୍ତି। ସୁରେନ୍ଦ୍ର ନାହାକ କଲ୍ୟାଣସିଂହପୁର ଅଞ୍ଚଳରେ ରହି ମସଲା ବ୍ୟାପାର କରୁଥିବା ବେଳେ ସୁନାଖଣ୍ଡି ପଞ୍ଚାୟତର ମନେଇଗୁଡା ଗାଁ ଶଙ୍କର କଣ୍ଡାଗରୀ ସେ ବିଜୁଳି ବିଭାଗରେ ବିଷମ କଟକରେ କାର୍ଯ୍ୟରତ ରହିଥିଲେ। ଉକ୍ତ ଲୋକମାନେ ଗତ କିଛିଦିନ ହେବ ରାୟଗଡା ରେଞ୍ଜ କୋଲନରା ବ୍ଲକ୍‌ର ପାଲମା ଜଙ୍ଗଲରେ ବିଦ୍ୟୁତ ତାର ଲଗାଇ ହାତୀକୁ ହତ୍ୟା କରିବା ପରେ ଦାନ୍ତ ବାହାର କରି ହାତୀକୁ ପୋତିଥିବା ଜଣାପଡ଼ିଛି । ଘଟଣାଟି ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ବନବିଭାଗ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ଚୋର ହାତୀ ଦାନ୍ତ ରାକେଟ କୁ ଠାବକରିଛି । ଜବତ ହୋଇଥିବା ହାତୀଦାନ୍ତ ଦୁଇଟିର ଓଜନ ୫କେଜି ୨୯୦ଗ୍ରାମ୍ ଥିବା ବେଳେ ଏହା ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇପାରେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ଉକ୍ତ ଘଟଣାରେ ବହୁ ଲୋକ ସମ୍ପୃକ୍ତ ଥିବାରୁ ବନବିଭାଗ ବିଭିନ୍ନ ଗାଁରେ ଚଢ଼ଉ ଜାରି ରଖିଛି ।

# ଶ୍ରୀ ଜୟଦେବଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ

**ବାଲେଶ୍ୱର, ନ୍ୟୁଜ**

ଚଳିତ ବର୍ଷ ସାଧାରଣ ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସହ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଠାରେ ଗୀତଗୋବିନ୍ଦ ରଚୟିତା ମହାକବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଜିଲ୍ଲାପାଳ ଆଶୀଷ ଠାକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ତତ୍‌ସହିତ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ଯୋଗଦେଇଥିଲେ।

# ଶନିଶ୍ଚରଙ୍କ ବାର୍ଷିକ ପୂଜା ଉତ୍ସବ



**ଯାଜପୁର, ନ୍ୟୁଜ ବ୍ୟୁରୋ**

ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ଶୁଭସ୍ତମ୍ଭ ନିକଟ ଶନି ମନ୍ଦିରରେ ବାବା ଶନିଶ୍ଚରଙ୍କ ବାର୍ଷିକ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବାବାଙ୍କ ଏହି ପବିତ୍ର ଉତ୍ସବ ଉପଲକ୍ଷେ ଦିବସ ବ୍ୟାପି ବିଭିନ୍ନ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାତଃରେ ବାବାଙ୍କର ମହାସ୍ନାନ ପରେ ବଡ଼ ସିଂହାର ବେଶ ଉପଚାର ପୂଜା ସହ ସୂର୍ଯ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ଏହା ପରେ ହୋମଯଜ୍ଞ ଅନୁଷ୍ଠିତ ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ଉତ୍ସବ ଉପଲକ୍ଷେ ଯାଜପୁର ସହର ତଥା ଆଖ ପାଖ ଅଞ୍ଚଳ ର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ବାବା ଶନିଶ୍ଚରଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହି ଉପଲକ୍ଷେ ମନ୍ଦିର ପରିସରରେ ଅକର୍ଷଣୀୟ ସାଜସଜା କରାଯାଇଥିଲା। ବାବା ଶନିଶ୍ଚରଙ୍କ ମୁଖ୍ୟ ପୂଜକ ଭାସ୍କର ପଣ୍ଡାଙ୍କ ସହ ଅନ୍ୟ ପୂଜକ ମାନେ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ବାବା ଶନିଶ୍ଚରଙ୍କ ପୂଜା କମିଟିର ସଦସ୍ୟ ଗୋବିନ୍ଦ ଚନ୍ଦ୍ର ଦାସ, କମଳାକାନ୍ତ ନାଥ, ବିପିନ କୁମାର ସାହୁ, ଦୀପକ ଓଝା ଓ ବ୍ରଜ କିଶୋର ନାଥ ପ୍ରମୁଖ ଏହି ପୂଜା ଉତ୍ସବ କୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବା ସହ ସମୂହ ପ୍ରସାଦ ସେବନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କେନ୍ଦ୍ରାପଡ଼ା ବିଜେପିର ମହା ମିଶ୍ରଣ ପର୍ବ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ଶାଖା ତରଫରୁ ଏକ ମହା ମିଶ୍ରଣ ପର୍ବ ଗରାପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଜେପି ପ୍ରାର୍ଥୀ ଲଳିତ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ରାଜନଗର ବିଧାୟକଙ୍କ ଗ୍ରାମ ବେଲକଳ ଗ୍ରାମ ପଞ୍ଚାୟତରୁ ସରପଞ୍ଚ ତିଳୋତ୍ତମା ବରାଳ ଏବଂ ସମିତି ସଭ୍ୟ କେତକୀ ମହାନ୍ତିଙ୍କ ସମେତ ଶତାଧିକ ବିଜେଡି କର୍ମୀ ଦଳ ଛାଡି ବିଜେପି ଦଳରେ ଯୋଗ ଦେଇଛନ୍ତି । ଏମାନଙ୍କ ସହ ପୂର୍ବତନ ଛାତ୍ର ବିଜେଡି ବ୍ଲକ ସଭାପତି ବିକ୍ରମ ବାରିକ, ପୂର୍ବତନ ଜିଲ୍ଲା ଯୁବ ବିଜେଡି ସାଧାରଣ ସଂପାଦକ ଅଜୟ ଲେଙ୍କା, ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଆୟୋଜିତ ଏହି ମିଶ୍ରଣ ପର୍ବରେ ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଚ୍ଛାୟତଙ୍କ ସମେତ ବିନ୍ଦୁ ସାଗର ଦାସ, ମାନସ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ଭୁବନେଶ୍ୱର
୧୨ ମଇ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଏସ୍‌ସିବିରେ ରକ୍ତ ନମୁନା ଯାଞ୍ଚ କରେଇବା ସମୟରେ ଦଲାଲକୁ ଧରିଲା ସ୍ୱତନ୍ତ୍ର ସ୍କ୍ୱାର୍ଡ

**କଟକ, ୧୧/୦୫ ନ୍ୟୁଜ ବ୍ୟୁରୋ**
ଏସ୍‌ସିବି ମେଡିକାଲରୁ ଗିରଫ ହେଲା ଦଲାଲ। ରୋଗୀଙ୍କୁ ରକ୍ତ ନମୁନା ଯାଞ୍ଚ କରେଇବା ସମୟରେ ଏସ୍‌ସିବି ମେଡିକାଲର ନିଜସ୍ୱ (ଅନ୍ତରୀଣ) ସ୍କ୍ୱାର୍ଡ ଦଲାଲକୁ ଧରିବାରେ ସଫଳ ହୋଇଛି। ଏହାପରେ ଏହି ଦଲାଲକୁ ନେଇ ସ୍ଥାନୀୟ ମଙ୍ଗଳବାଗ ଥାନାକୁ ହସ୍ତାନ୍ତର କରିଛନ୍ତି ଏସସିବି ମେଡିକାଲ କର୍ତ୍ତୃପକ୍ଷ, ଯାହାର ସୂଚନା ଏସ୍‌ସିବିର କୁଳସଚିବ ଅବିନାଶ ରାଉତ ଦେଇଛନ୍ତି। ତେବେ ଦଲାଲମାନେ ରୋଗୀଙ୍କୁ ଭଣ୍ଡେଇ ତାଙ୍କୁ ଘରୋଇ ମେଡ଼ିକାକୁ ଚିକିତ୍ସା ପାଇଁ ନେଇଯାନ୍ତି । ତେବେ କେବଳ ଚିକିତ୍ସା ନୁହେଁ, ରକ୍ତ ତଥା ଅନ୍ୟାନ୍ୟ ଟେଷ୍ଟ କରାଇବା ଦେବା ବାହାନାରେ ରୋଗୀଙ୍କୁ ନିକଟସ୍ଥ ଘରୋଇ ମେଡ଼ିକାଲକୁ ନେଇଯାନ୍ତି। ମେଡିକାଲ କୁଳସଚିବଙ୍କ କହିବାନୁଯାୟୀ, ପ୍ରତିଦିନ ଏସ୍‌ସିବି ଆଉଟ୍‌ଡୋର୍‌କୁ ୭ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଏହାଛଡ଼ା ୪ ହଜାର ରୋଗୀ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏହାର ସୁଯୋଗ ନେଇ ଅନେକ



ଅଜଣା ବ୍ୟକ୍ତି ରୋଗୀଙ୍କ ସମ୍ପର୍କୀୟ କହି ମେଡିକାଲକୁ ପ୍ରବେଶ କରୁଛନ୍ତି, ଯାହାକୁ ଚିହ୍ନିବା ମଧ୍ୟ କଷ୍ଟକର ବ୍ୟାପାର। ତେବେ ଏହାର ସୁଯୋଗ ନେଇ ମେଡ଼ିକାଲ ଭିତରକୁ ଦଲାଲମାନେ ମଧ୍ୟ ପ୍ରବେଶ କରୁଛନ୍ତି । ପରେ ରୋଗୀମାନଙ୍କୁ ହାତେଇବାକୁ ଚେଷ୍ଟା କରୁଛନ୍ତି। ପରେ ରୋଗୀମାନଙ୍କୁ ଘରୋଇ ନର୍ସିଂହୋମକୁ ସ୍ଥାନାନ୍ତର କରିବା ପାଇଁ ପ୍ରୟାସ କରୁଛନ୍ତି । ଏହାଛଡ଼ା ରୋଗୀଙ୍କ ରକ୍ତ ନମୁନା ଯାଞ୍ଚ ପାଇଁ ମଧ୍ୟ ବାହାର ଡାଇଗ୍ନୋସିସକୁ ନେଉଛନ୍ତି। ତାଙ୍କର ଚିକ୍କଣ କଥାରେ ଫସି ବିଚରା ରୋଗୀ ମାଗଣା ଚିକିତ୍ସା କରିବାକୁ ଆସି ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। ତେବେ ଜଣେ ଦଲାଲ ରୋଗୀଙ୍କ ରକ୍ତ ନମୁନା ଯାଞ୍ଚ ପାଇଁ ନେବା ସମୟରେ ଏସ୍‌ସିବି ସ୍କ୍ୱାର୍ଡ ଏହି ଦଲାଲକୁ ଧରିବାରେ ସଫଳ ହୋଇଥିଲା। ପରେ ପଚରାଉଚରା କରି ମଙ୍ଗଳାବାଗ୍ ଥାନାରେ ଦଲାଲକୁ ହସ୍ତାନ୍ତର କରିଥିଲା ଏସ୍‌ସିବିର ଟିମ୍। କିଛି ମାସ ପୂର୍ବରୁ ଏସ୍‌ସିବିରୁ ଅନେକ ଦଲାଲ୍ ଗିରଫ ହୋଇଛନ୍ତି। ଏମାନଙ୍କୁ ନନ ଟ୍ରମା କାଜୁଆଲଟି ଓ ବିଭିନ୍ନ ୱାର୍ଡ ନିକଟରୁ ଧରିଥିଲା ପୋଲିସ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ରୋଗୀମାନେ କଟକ ଆସୁଥିବା ବେଳେ ଏହାର ସୁଯୋଗ ନେଇ ଦଲାଲମାନେ ରୋଗୀମାନଙ୍କୁ ଘରୋଇ ନର୍ସିଂହୋମକୁ ସ୍ଥାନାନ୍ତର କରୁଥିବା ଅନେକ ସମୟରେ ଅଭିଯୋଗ ଆସିଛି । ବିଶେଷ କରି ମେଡିସନ ଓ କାଜୁଆଲଟି ଓ ଅନ୍ୟାନ୍ୟ ବିଭାଗ ଯେଉଁଠାରେ ଅଧିକସଂଖ୍ୟକ ରୋଗୀ ଭର୍ତ୍ତି ହୋଇଥାନ୍ତି ସେଇଠି ଦଲାଲଙ୍କ ସଂଖ୍ୟା ଅଧିକ ରହିଥିବା ନେଇ ପୂର୍ବରୁ ସୂଚନା ଦେଇଥିଲା କମିଶନରେଟ ପୋଲିସ।

# ଲକ୍ଷେ କୋଟି ଦେବ ରିଜର୍ଭ ବ୍ୟାଙ୍କ




**ନୂଆଦିଲ୍ଲୀ, ୧୧/୦୫**
୨୦୨୪-୨୫ ଆର୍ଥିକ ବର୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଲାଭାଂଶ ଆକାରରେ ଭାରତ ସରକାରଙ୍କୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ପ୍ରଦାନ କରିପାରେ। ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଭାରତ ସରକାରଙ୍କୁ ୮୭,୪୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ରିଜର୍ଭ ବ୍ୟାଙ୍କ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନ ଗୁଡ଼ିକ ଠାରୁ ମୋଟ ୧,୦୨,୦୦୦ କୋଟି ଟଙ୍କା ପାଇବା ନେଇ ବଜେଟରେ ଆକଳନ କରିଛନ୍ତି। କିନ୍ତୁ ଲାଭାଂଶ ପ୍ରାପ୍ତି ପରିମାଣ ଅଧିକ ରହିବ ବୋଲି ରିପୋର୍ଟରେ କୁହାଯାଇଛି। ଗତବର୍ଷ ମଧ୍ୟ ସରକାର କେବଳ ୪୮,୦୦୦ କୋଟି ଟଙ୍କା ପାଇବା ନେଇ ଆକଳନ କରିଥିବା ବେଳେ ୧,୦୪,୪୦୦ କୋଟି ଟଙ୍କା ମିଳିଥିଲା। ତେଣୁ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଲାଭାଂଶ ମିଳିବାରେ ଉନ୍ନତି ଦେଖାଦେବ। ରିଜର୍ଭ ବ୍ୟାଙ୍କର ଲାଭାଂଶ ହିସାବକୁ ବିଭିନ୍ନ ବିଷୟ ପ୍ରଭାବିତ କରିଥାଏ। ସୁଧ ଆୟ, ବିଦେଶୀ ମୁଦ୍ରା ଭଣ୍ଡାରରେ ହେଉଥିବା ଲାଭ ଆଦି ଏଥିରେ ଅନ୍ୟତମ। ରିଜର୍ଭ ବ୍ୟାଙ୍କର ବିତ୍ତୀୟ ସ୍ଥିତି ବିବରଣୀରେ ବିଦେଶୀ ମୁଦ୍ରା ସଂପତ୍ତି ପ୍ରାୟ ୭୦ ପ୍ରତିଶତ ରହିବାବେଳେ ପ୍ରାୟ ୨୦ ପ୍ରତିଶତ ସଂପତ୍ତି ଘରୋଇ ସରକାରୀ ବଣ୍ଡ୍ ଆକାରରେ ରହିଥାଏ। ଏସବୁରେ ରିଜର୍ଭ ବ୍ୟାଙ୍କର ସୁଧ ଆୟ ୧.୫ ଲକ୍ଷ କୋଟିରୁ ୧.୭ ଲକ୍ଷ କୋଟି ଟଙ୍କା ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି। ଏଥିସହିତ ନଗଦ ଅର୍ଥ ପରିଚାଳନା ବାବଦ ସୁଧ ମଧ୍ୟ ବୃଦ୍ଧି ପାଇଛି।

# ଚନ୍ଦନଯାତ୍ରା: ବିନ୍ଦୁସାଗରରେ ଚାଲିଛି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚାପ ଖେଳ

**ଭୁବନେଶ୍ୱର, ୧୧/୦୫ ନ୍ୟୁଜ ବ୍ୟୁରୋ**
ରୁକୁଣା ରଥଯାତ୍ରା ପରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପୁଣିଥରେ ଏକାମ୍ରକ୍ଷେତ୍ରକୁ ଚଳଚଞ୍ଚଳ କରିଛି। ଅସହ୍ୟ ଗରମ ଓ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମାନବୀୟ ଲୀଳାଖେଳାର ଅଂଶସ୍ୱରୂପ ୨୨ଦିନିଆ ଚନ୍ଦନ ଯାତ୍ରା ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଯାଇଛି। ପ୍ରଭୁ ବିନ୍ଦୁସାଗରରେ ଚାପ ଖେଳୁଛନ୍ତି ଓ ମଧ୍ୟଭାଗରେ ଥିବା ଜଗତି ଉପରେ ଚନ୍ଦନଜଳରେ ସ୍ନାନକରି ଅସହ୍ୟ ଗରମକୁ ଆଶ୍ୱସ୍ତି ଅନୁଭବ କରୁଛନ୍ତି। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏହି ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରା, ଚାପଖେଳ ଓ ଚନ୍ଦନ ସ୍ନାନର ଅପୂର୍ବ ଦୃଶ୍ୟକୁ ଦେଖିବା ପାଇଁ ବିନ୍ଦୁସାଗର କୂଳରେ ପ୍ରବଳ ଭକ୍ତ ସମାଗମ ହେଉଛି। ଘଣ୍ଟାଘଣ୍ଟା ଧରି ବିନ୍ଦୁସାଗର କୂଳ ଚାରିପାଖରେ ଛିଡ଼ାହୋଇ ଲୋକେ ଠାକୁରଙ୍କ ଏହି ମାନବୀୟ ଲୀଳାକୁ ଦେଖୁଛନ୍ତି। ଦେଉଳରେ ଭୋଗମଣ୍ଡପ ନୀତି କରାଯାଇ ଶ୍ରୀଜୀଉଙ୍କୁ ପଙ୍ଖାଲାଗି କରାଯାଇଥିଲା। ଏହାପରେ ଠାକୁରଙ୍କ ମହାସ୍ନାନ କରାଯାଇ ଅଙ୍ଗରେ ଚନ୍ଦନ ପ୍ରଲେପ କରାଯିବା ପରେ ବେଶ କରାଯାଇଥିଲା। ପଣାଭୋଗ ପରେ ବଲ୍ଲଭ ଭୋଗ ଯାତ୍ରାପୂଜା ହୋଇ ଚଳନ୍ତି ପ୍ରତିମାଙ୍କୁ ନୌବିହାର ଉଦ୍ଦେଶ୍ୟରେ ବିଜେ କରାଯାଇଥିଲା। ପ୍ରଭୁ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା ଓ ପ୍ରଭୁ ବାସୁଦେବ ବିମାନ ଓ ପାଲିଙ୍କିରେ ନାଟ ମନ୍ଦିରରେ ଅବସ୍ଥାନ କରିଥିଲେ। ଏହି ସମୟରେ ଦ୍ୱିପ୍ରହର ଧୂପ ଓ ପହୁଡ଼ କରାଯାଇଥିଲା। ଏହାପରେ ସୁସଜ୍ଜିତ ପାଲିଙ୍କି ଓ ବିମାନରେ ଦିଅଁଙ୍କୁ ବିରାଟ ପଟୁଆରେ ବିନ୍ଦୁସାଗର ଅଭିମୁଖେ ନିଆଯାଇଥିଲା। ସେବାୟତମାନଙ୍କ ଡମ୍ବୁର ବାଦନ, ଘଣ୍ଟ, ଘଣ୍ଟା, କାହାଳୀ,



ଦୁନ୍ଦୁଭି ନାଦ ସହ ଓମ୍ ନମଃ ଶିବାୟ ଧ୍ୱନି ପୂରା ପରିବେଶକୁ ଶିବମୟ କରିଥିଲା। ବିମାନ ଆଗରେ ଛତ୍ରି ଓ ତ୍ରାସ ଧରି ସେବାୟତମାନେ ଯେମିତି ପ୍ରଭୁଙ୍କୁ ବାଟ କଢ଼ାଇ ନେଉଥିଲେ। ଚାପଡ଼ଙ୍ଗାରେ ପୂଜାପଣ୍ଡା ସେବାୟତ ଛେରାପହଁରା କରିବା ପରେ ପାଳିଆ ବଡୁ ସେବାୟତ ଠାକୁରଙ୍କୁ ଚାପଡ଼ଙ୍ଗାରେ ଥିବା ସିଂହାସନକୁ ନେଇଥିଲେ। ସମ୍ମୁଖ ସିଂହାସନରେ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ ଓ ମା' ଦୁର୍ଗା ବସିଥିବା ବେଳେ ପାର୍ଶ୍ୱ ସିଂହାସନରେ ପ୍ରଭୁ ବାସୁଦେବ ବସି ଚାପ ଖେଳୁଛନ୍ତି। ଠାକୁରଙ୍କୁ ପ୍ରଥମେ ମହନୀଘାଟରେ ଭୋଗଲାଗି କରାଯାଇଥିଲା। ତା'ପରେ ଦିଅଁମାନେ ମଠଘାଟରେ ଭୋଗଖାଇ କିଛି ସମୟ ଚାପ ଖେଳିଥିଲେ। ଏହାପରେ ବିନ୍ଦୁସାଗର ମଝିରେ ଥିବା ଜଗତି ଉପରକୁ ଠାକୁରଙ୍କୁ ନିଆଯାଇ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ଚନ୍ଦନ, ଅଗୁରୁ, କର୍ପୁର, ମଲ୍ଲୀ ଫୁଲ, ଚମ୍ପାଫୁଲ ପଡ଼ିଥିବା ସୁବାସିତ ଜଳଭର୍ତ୍ତି କୁଣ୍ଡରେ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ ଓ ମା' ଦୁର୍ଗା ଅବସ୍ଥାନ କଲାବେଳେ ବାସୁଦେବ ଅନ୍ୟ ସ୍ୱତନ୍ତ୍ର କୁଣ୍ଡରେ ବିଜେ ହୋଇଥିଲେ। ଠାକୁରଙ୍କ ଚନ୍ଦନସ୍ନାନ ପରେ ପୁଣି ଚାପଡ଼ଙ୍ଗାରେ ବସାଇ ଭଉଁରି ଖେଳ ହୋଇଥିଲା ଓ ଠାକୁରଙ୍କୁ ମନ୍ଦିର ଅଭିମୁଖେ ଫେରାଇ ଅଣାଯାଇଥିଲା। ଫେରିବା ବେଳେ ବାଟରେ ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ ଓ ବଡୁ ନିଯୋଗଠାରେ ଠାକୁରଙ୍କୁ ଭୋଗଲାଗି କରାଯାଇଥିଲା। ମନ୍ଦିର ଭିତରେ ଠାକୁରଙ୍କୁ ବା'ଖିଆ ମଣ୍ଡପରେ ବସାଇ ମୁଆଁଭୋଗ ଦିଆଯାଇଥିଲା। ପରେ ଭିତରକୁ ନେଇ ପୀଠାଧୀଶଙ୍କ ନିକଟରେ ଭେଟ ଆଳତୀ କରାଯିବା ପରେ ପ୍ରତିମାମାନେ ସ୍ୱସ୍ଥାନରେ ବିଜେ କରିଥିଲେ।

# କିମ୍‌ସରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ

**ଭୁବନେଶ୍ୱର, ୧୧।୫ ନ୍ୟୁଜ ବ୍ୟୁରୋ**
କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନର୍ସିଂ ସାଇନ୍‌ସେସ୍ (କିନ୍‌ସ) ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକାଙ୍କ ଭୂମିକା ଓ ଭାରତରେ ନର୍ସିଂ ଶିକ୍ଷାର ପ୍ରସାର ଓ ଅଭ୍ୟାସ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଯୋଗଦେଇ କହିଲେ, ଭବିଷ୍ୟତରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପର୍ଯ୍ୟାପ୍ତ ନିବେଶର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟସେବାର ବିକାଶ ନର୍ସିଂ ସେବାର ବିକାଶ ଉପରେ ନିର୍ଭର କରିଥାଏ। କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି ସେବିକାଙ୍କ ମାନସିକ ଓ ଅର୍ଥନୈତିକ ମୂଲ୍ୟବୋଧ ଉପରେ




ଆଲୋକପାତ କରି କହିଲେ, ସେବିକାମାନେ ସେବାର ଅର୍ଥନୈତିକ ଶକ୍ତି। କରୁଣା ଓ ସହାନୁଭୂତି ମନୋଭାବ ନେଇ ସେବିକାମାନେ ରୋଗୀଙ୍କ ଜୀବନ ବଞ୍ଚାଇଥାନ୍ତି। ସେବିକାଙ୍କ ସେବାର ପ୍ରତିକ୍ରିୟା ସାଧାରଣ ଜନତାଙ୍କଠାରୁ ଜଣାପଡ଼େ ଏବଂ ରୋଗୀ ଓ ତାଙ୍କ ପରିବାର ସେବିକାମାନଙ୍କୁ ସବୁଦିନ ମନେରଖନ୍ତି। ଭାରତରେ ନର୍ସିଂ ଶିକ୍ଷା ସମୟରେ ସେବିକାଙ୍କ ପାଇଁ ବ୍ୟାପକ ଅଭ୍ୟାସ ଓ ତାଲିମ ପାଇଁ ଉପଯୁକ୍ତ କ୍ଷେତ୍ରର ଅଭାବ ଯୋଗୁଁ ଗୁଣାତ୍ମକ ସେବିକା ସୃଷ୍ଟି ହେବାର ସମସ୍ୟା ରହିଛି ବୋଲି ସେ କହିଥିଲେ। ସେହିପରି କିମ୍‌ସ ମେଡିକାଲ ଅଧିକ୍ଷକ ପ୍ରଫେସର ଆର ସି ଦାସ କହିଲେ, ୨୦୩୦ ସୁଦ୍ଧା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନକକୁ ପୂରଣ କରିବା ପାଇଁ ଭାରତରେ ସଂପ୍ରତି ନର୍ସିଂ କ୍ଷମତାକୁ ଅଭିବୃଦ୍ଧି କରିବାର ସମୟ ଆସିଛି। ତେବେ ସେବିକାମାନଙ୍କର ଜ୍ଞାନ ଓ କୌଶଳ ଯଥେଷ୍ଟ ଅଗ୍ରଗତି ଘଟିଛି। ସେମାନଙ୍କର ଏହି ପ୍ରକ୍ରିୟା ଜାରି ରହିବା ଉଚିତ ବୋଲି ଡା. ଦାସ କହିଥିଲେ। ଏହି ଅବସରରେ ନ୍ୟାସ୍‌ନାଲ୍ ଫ୍ଲୋରାନ୍‌ସ ନାଇଟିଙ୍ଗଲ୍ ପୁରସ୍କାର ବିଜୟିନୀ ଜଗତସିଂହପୁରର ଖୁଲଣା ବାରିକ ଯୋଗଦେଇ ଉପସ୍ଥିତ ସେବିକା ଓ ମେଡ଼ିକାଲ ଅଧିକାରୀଙ୍କୁ ପ୍ରେରଣାମୂଳକ ଭାଷଣ ପ୍ରଦାନ କରିଥିଲେ। ପରେ ବିଭିନ୍ନ ବିଭାଗରେ ସେବିକାମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କିମ୍‌ସ ମେଡିକାଲ୍ କଲେଜ ଅଧକ୍ଷ ପ୍ରଫେସର ଡା. ଏ. ପି. ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିନ୍‌ସ ଅଧକ୍ଷା ପ୍ରଫେସର ନିୟତି ଦାସ ଓ ଅନ୍ୟ ବିଶିଷ୍ଟ ଅତିଥି ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଶିଳ୍ପ ଅଭିବୃଦ୍ଧି ୪.୯%କୁ କମିଲା

**ନୂଆଦିଲ୍ଲୀ, ୧୧/୦୫**
୨୦୨୪ ମାର୍ଚ୍ଚ ମାସ ପାଇଁ ଦେଶର ଶିଳ୍ପ ଉତ୍ପାଦନ ତଥ୍ୟ ଶନିବାର ସରକାର ପ୍ରକାଶ କରିଛନ୍ତି। ମାର୍ଚ୍ଚରେ ଶିଳ୍ପ ଅଭିବୃଦ୍ଧି ୪.୯ ପ୍ରତିଶତ ରହିଛି। ମୁଖ୍ୟତଃ ଖଣି କ୍ଷେତ୍ରର ଖରାପ ପ୍ରଦର୍ଶନ ଯୋଗୁ ଶିଳ୍ପ ଉତ୍ପାଦନ ମନ୍ଥର ହୋଇଛି। ଚଳିତବର୍ଷ ଫେବୃଆରୀରେ ଏହା ୫.୬ ପ୍ରତିଶତ ରହିଥିଲାବେଳେ ୨୦୨୩ ମାର୍ଚ୍ଚରେ ୧.୯ ପ୍ରତିଶତ ରହିଥିଲା। କାରଖାନାର ଉତ୍ପାଦନକୁ ଶିଳ୍ପ ଅଭିବୃଦ୍ଧି ସୂଚୀ ହିସାବରେ ମପାଯାଇଥାଏ। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଶିଳ୍ପ ଅଭିବୃଦ୍ଧି କିନ୍ତୁ ୫.୮ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ୨୦୨୨-୨୩ ଆର୍ଥିକ ବର୍ଷରେ ୫.୨ ପ୍ରତିଶତ ରହିଥିଲା। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ମାସରେ ଖଣି ଉତ୍ପାଦନ ଅଭିବୃଦ୍ଧି ୧.୨ ପ୍ରତିଶତକୁ ହ୍ରାସ ପାଇଛି ଯାହାକି ଗତବର୍ଷ ମାର୍ଚ୍ଚରେ ୬.୮ ପ୍ରତିଶତ ରହିଥିଲା। ବିନିର୍ମାଣ କ୍ଷେତ୍ରର ଅଭିବୃଦ୍ଧି ଚଳିତବର୍ଷ ମାର୍ଚ୍ଚ ମାସରେ ୫.୨ ପ୍ରତିଶତକୁ ବୃଦ୍ଧି ପାଇଛି ଯାହାକି ଗତବର୍ଷ ମାର୍ଚ୍ଚରେ ୧.୫ ପ୍ରତିଶତ ଥିଲା। ସେହିଭଳି ଶକ୍ତି ଉତ୍ପାଦନ ଚଳିତବର୍ଷ ମାର୍ଚ୍ଚରେ ୮.୬ ପ୍ରତିଶତ ବୃଦ୍ଧି ଘଟିଛି।

# ଏଥର ନିର୍ବାଚନ ଡ୍ୟୁଟିରେ ୫୭ ଟ୍ରେନି ଆଇପିଏସ୍

**ଭୁବନେଶ୍ୱର, ୧୧/୦୫ ନ୍ୟୁଜ ବ୍ୟୁରୋ**
ଆସନ୍ତା ସାଧାରଣ ନିର୍ବାଚନ ଡ୍ୟୁଟିରେ ସାମିଲ ହେବେ ୫୭ ଟ୍ରେନି ଆଇପିଏସ୍। ଏଥିପାଇଁ ୧୬ ଜଣ ମହିଳା ଓ ୪୧ ଜଣ ପୁରୁଷ ଯୁବ ଆଇପିଏସ୍ ତାଲିମ ନେଇଛନ୍ତି। ପୋଲିସ ସେବା ଭବନରେ ତାଲିମ ପ୍ରଦାନ କରିଛନ୍ତି ସିନିୟର ପୋଲିସ ଅଫିସର । ପୋଲିସ ଡିଜି କହିଛନ୍ତି, 'ଏମାନେ ସର୍ଦ୍ଦାର ବଲ୍ଲଭ ଭାଇ ପୋଲିସ ଏକାଡେମୀ ହାଇଦ୍ରାବାଦରୁ ଆସିଛନ୍ତି । ନିର୍ବାଚନ ସମୟରେ ନିର୍ବାଚନୀ ଅଭିଜ୍ଞତା ନେବା ପାଇଁ ବିଭିନ୍ନ ରାଜ୍ୟକୁ ପଠାଯାଇଛି ଟିମ୍ । ଏହି ପରିପ୍ରେକ୍ଷୀରେ ୫୭ ଜଣ ଯୁବ ଟ୍ରେନି ଆଇପିଏସ ଓଡ଼ିଶା ଆସିଛନ୍ତି । ଆସନ୍ତା ୧୩ ତାରିଖ ଦିନ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବା ଜିଲ୍ଲାମାନଙ୍କୁ ସେମାନଙ୍କୁ ପଠାଯିବ । ପୂର୍ବରୁ ସେମାନେ ମଧ୍ୟ ଇଲେକ୍ସନ କମିଶନ ଅଫ ଇଣ୍ଡିଆ ରାଜ୍ୟ ଅଫିସରେ ମଧ୍ୟ ଇଲେକ୍ସନ ମୋରାଲିଟି କୋଡ୍ ଅଫ କଣ୍ଡକ୍ଟ ସମ୍ପର୍କରେ ତାଲିମ ଦେଇଛନ୍ତି । ପୋଲିସ ସେବା ଭବନରେ ମଧ୍ୟ ତାଙ୍କୁ ବିଶେଷ ଭାବରେ ସୂଚନା ଦିଆଯାଇଛି । ଏବେଠୁ ସେମାନେ ଜିଲ୍ଲାରେ ଯାଇ ପ୍ରସ୍ତୁତ ହେବେ । ଡିଜି ଆହୁରି କହିଛନ୍ତି, ସେଠାରେ ଏସପି ଓ କଲେକ୍ଟରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ନିର୍ବାଚନ ସମୟରେ କିପରି ପରିଚାଳନା କରାଯାଏ ସେନେଇ ଜ୍ଞାନ ଆହରଣ କରିବେ। ଅବଜରଭର ହିସାବରେ କିପରି ମୋବାଇଲ ୟୁନିଟ ମନିଟର ହୁଏ, ଏସଏସଟି କ'ଣ, କୋଡ୍ ଅଫ କଣ୍ଡକ୍ଟ କ'ଣ ? କେତେ ଦିଗ ପ୍ରତି ଲାଗୁ ହୁଏ ସେସବୁ ସମ୍ପର୍କରେ ଅଭିଜ୍ଞତା ପାଇବେ । ତେବେ ପ୍ରଥମ ପର୍ଯ୍ୟାୟରେ ନବରଙ୍ଗପୁର, କଳାହାଣ୍ଡି, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, ନୂଆପଡ଼ା ଜିଲ୍ଲାରେ ଭୋଟ ଗ୍ରହଣ ହେବ। ତେଣୁ ସେସବୁ ଜିଲ୍ଲା ମଧ୍ୟରୁ ଆନ୍ଧ୍ର ଓ ଛତିଶଗଡ ସୀମାବର୍ତ୍ତୀ ଜିଲ୍ଲାରେ ୪ଟି ଜିଲ୍ଲା ରହିଛି। ବିଶେଷ କରି ନୂଆପଡା, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ନକ୍ସଲ ଗତିବିଧିକୁ ଦୃଷ୍ଟିରେ ରଖି ନିର୍ବାଚନ ପ୍ରସ୍ତୁତି ଜୋରସୋର ହୋଇଛି । ଏହି ସବୁ ଟ୍ରେନି ଆଇପିଏସଙ୍କ ସମସ୍ତ ପ୍ରକାର ଦିଗକୁ ନେଇ ଅଭିଜ୍ଞତା ହାସଲ କରିବା ଏକ ପ୍ରକାର ଚ୍ୟାଲେଞ୍ଜିଂ ରହିବ। କାରଣ ସୀମାବର୍ତ୍ତୀ ଜିଲ୍ଲାରେ କିଛି ଦିନ ହେବ ଆଣ୍ଟି ନକ୍ସଲ ଅପରେସନ ଜାରି ରହିଛି । ତେଣୁ ପୋଲିସ ନକ୍ସଲ ଗତିବିଧି ଉପରେ ନଜର ରଖିବା ସହ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବା ଏକ ମହତ୍ତ୍ୱପୂର୍ଣ୍ଣ । ନୂତନ ଟ୍ରେନି ଆଇପିଏସମାନେ ଜିଲ୍ଲାର ଏସପିଙ୍କ ତତ୍ତ୍ୱାବଧାନରେ ସେଠାରେ କିପରି ଡ୍ୟୁଟି କରିବେ ସେନେଇ ଅଭିଜ୍ଞତା ହାସଲ କରିବେ। ତେବେ ପ୍ରଥମ ପର୍ଯ୍ୟାୟ ୨୮ଟି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ରହିଛି। ନୂଆପଡା, ଖଡ଼ିଆଳ, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, ଲାଞ୍ଜିଗଡ, ଜୁନାଗଡ଼, ଧର୍ମଗଡ, ଭବାନିପାଟଣା, ନର୍ଲା, ଛତ୍ରପୁର, ଗୋପାଳପୁର । ସେହିପରି ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା, ପାରଳାଖେମୁଣ୍ଡି, ଗୁଣୁପୁର, ବିଷମକଟକ, ରାୟଗଡା, ଲକ୍ଷ୍ମୀପୁର, କୋଟପାଡ, ଜୟପୁର, କୋରାପୁଟ, ପଟାଙ୍ଗି, ମାଲକାନଗିରି, ଚିତ୍ରୋକୋଣ୍ଡାରେ ବି ପଡ଼ିବ ଭୋଟ ।

# ବିଜେଡିରେ ମିଶିଲେ ଅଭିନେତା ରୁଦ୍ର ପାଣିଗ୍ରାହୀ

**ଭୁବନେଶ୍ୱର, ୧୧/୦୫ ନ୍ୟୁଜ ବ୍ୟୁରୋ**
ବିଜେଡିରେ ମିଶିଲେ ରୁଦ୍ର ଶ୍ୟାମ ପାଣିଗ୍ରାହୀ। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ଦଳକୁ ତାଙ୍କୁ ସ୍ୱାଗତ କରିଛନ୍ତି ସାଂସଦ ସସ୍ମିତ ପାତ୍ର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି ରୁଦ୍ର ଶ୍ୟାମ ପାଣିଗ୍ରାହୀ। ରାଜ୍ୟରେ ଯୁବକଙ୍କ ଉପରେ ଫୋକସ ଦେଉଛନ୍ତି ମୁଖ୍ୟମନ୍ତ୍ରୀ। ଆଶା ଆହୁରି ଆଗକୁ ବଢିବେ। ଆଗରୁ ଯାହା ହୋଇ ନଥିଲା, ତାହା ସବୁ କରି ଦେଖାଉଛନ୍ତି। ଓଡ଼ିଶାକୁ ସଶକ୍ତ, ସମୃଦ୍ଧ ଓ ବିକଶିତ କରିବା ଦିଗରେ ସମସ୍ତେ ଆଗେଇ ଆସନ୍ତୁ ବୋଲି କହିଛନ୍ତି ରୁଦ୍ର।

# ନନ୍ଦନକାନନରେ ବଢୁଛି ବିଦେଶାଗତ ପକ୍ଷୀଙ୍କ ବଂଶ

**ବାରଙ୍ଗ, ୧୧/୦୫: ନ୍ୟୁଜ ବ୍ୟୁରୋ**
୧୯୯୯ ମହାବାତ୍ୟା ପରଠାରୁ ଭିନ୍ନ ଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ, ମଣିଷ ଦ୍ୱାରା ପ୍ରାକୃତିକ ସନ୍ତୁଳନକୁ ନଷ୍ଟ କରିବାର ପ୍ରୟାସ ଆଦି ଫଳରେ ଭ୍ରମଣକାରୀ ପକ୍ଷୀ ଓଡ଼ିଶା ମାଟିକୁ ଆଗପରି ଆସୁନଥିବା ଦେଖିବାକୁ ମିଳୁଛି। ହେଲେ ଏସବୁ ଭିତରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ପକ୍ଷୀ ସାରଣୀର ତାରଜାଲି ତଳେ ୧୧ ପ୍ରଜାତିର ଭ୍ରମଣକାରୀ ପକ୍ଷୀଙ୍କ ବଂଶ ବୃଦ୍ଧି ହୋଇଥିବା ପରିଲକ୍ଷିତ ହୋଇଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଏସ୍ଏଫ୍ ରଶ୍ମି ରଞ୍ଜନ ସ୍ୱାଇଁଙ୍କ ସୂଚନା




ମୁତାବକ, ଏଠାରେ ଭ୍ରମଣକାରୀ ପକ୍ଷୀଙ୍କ ଶାବକଙ୍କର ଏକ ସୁନ୍ଦର ସମାହାର ରହିଛି। ବର୍ତ୍ତମାନ ୨୭ଟି ଧୂସର ପେଲିକାନ (୨ ଅଣ୍ଡିରା, ୨ ମାଈ ଓ ୨୩ ଲିଙ୍ଗ ଚିହ୍ନଟ ହୋଇ ନଥିବା ଶାବକ), ୭ଟି ଗୋଲାପୀ ପେଲିକାନ (୨ ଅଣ୍ଡିରା, ୨ ମାଈ ଓ ଲିଙ୍ଗ ଚିହ୍ନଟ ହୋଇ ନଥିବା ୩ଟି) ୧୩୨ଟି ଅନ୍ଧାରୀ ବଗ (ଅଣ୍ଡିରା ୩୩, ମାଈ ୩୬ ଓ ଲିଙ୍ଗ ଚିହ୍ନଟ ହୋଇ ନଥିବା ୬୩) , ୮ଟି ଧୂସର ବଗ (ଅଣ୍ଡିରା ୨ ଓ ମାଈ ୬), ୫୩ଟି ଚିତ୍ରାଗେଣ୍ଡାଳିଆ (୪ ଅଣ୍ଡିରା, ୪ ମାଈ ଓ ୪୫ଟି ଲିଙ୍ଗ ଚିହ୍ନଟ ହୋଇ ନଥିବା), ୨ଟି ଲେସର ଆଡ୍‌ଜୁଟାଣ୍ଟ୍ ଷ୍ଟକ, ୮ଟି ଲିଙ୍ଗ ଚିହ୍ନଟ ହୋଇ ନଥିବା ପାଣି ଉପରେ ଚାଲିବା ଛୋଟବଗ, ୬ଟି ଗାଇବା ବଗ (୧ମାଈ ଓ ଲିଙ୍ଗ ଚିହ୍ନଟ ହୋଇନଥିବା ୫), ୧୯୫ଟି ବିରଳ ବଙ୍କାଥଣ୍ଟିଆ ବଗ (୪୦ ଅଣ୍ଡିରା, ୭୧ ମାଈ ଓ ଲିଙ୍ଗ ଚିହ୍ନଟ ହୋଇ ନଥିବା ୮୪)କୁ ମିଶାଇ ମୋଟ୍ ୪୪୦ଟି ଶାବକ ସେଠାରେ ଅଛନ୍ତି। ସେମାନେ ନନ୍ଦନକାନନ ପକ୍ଷୀ ଦୁନିଆର ଭବିଷ୍ୟତ। ସେମାନଙ୍କର ଜନ୍ମ ସେଠାରେ କାମ କରୁଥିବା ସବୁ କର୍ମଚାରୀଙ୍କ ଆତ୍ମବିଶ୍ୱାସକୁ ବଢ଼ାଇ ଦେଇଛି।

# ଶିମିଳିପାଳରେ ୫ ଶିକାରୀ ଗିରଫ

**ଶିମିଳିପାଳ, ୧୧/୦୫ ନ୍ୟୁଜ ବ୍ୟୁରୋ**
ଶିମିଳିପାଳରେ ୫ ଶିକାରୀ ଗିରଫ। ଥମିବାର ନା ଧରୁନି ଶିମିଳିପାଳ ଜନ୍ତୁଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି। ଶିକାର କରି ବନବିଭାଗ ହାତରେ କେତେବେଳେ ଧରା ପଡୁଛନ୍ତି ତ ଆଉ କେତେବେଳେ ଶିକାର କରିବାରେ ସକ୍ଷମ ହେଉଛନ୍ତି।

ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଚଢ଼ଉ କରାଯାଇ ୫ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୮କେଜି କୁଟୁରା ମାଂସ, କୁରାଢ଼ୀ, ଫାଶ ଆଦି ଜବତ କରିଛି ବନବିଭାଗ । ପାଞ୍ଚଜଣ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତ ଦୁଆରଶୁଣି ଗାଁର ବୋଲି ଜଣାପଡିଛି । ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳର ସଂରକ୍ଷିତ କମ୍ପାଟମେଣ୍ଟ ୮ରେ ଶିକାର କରି ଫେରୁଥିବା ବେଳେ ସେମାନେ ବନ ବିଭାଗ ହାବୁଡ଼ରେ ପଡ଼ିଥିଲେ ।

# ରାଜଧାନୀ : ଅକ୍ଷୟ ତୃତୀୟାରେ ୧୭୫ କୋଟିର ସୁନା ବିକ୍ରି



**ଭୁବନେଶ୍ୱର, ୧୧/୦୫ ନ୍ୟୁଜ ବ୍ୟୁରୋ**
ଦିନ ବେଳା ଖଚାଖଚ୍ ଭିଡ଼। ଉପରବେଳା ସମ୍ପୂର୍ଣ୍ଣ ବନ୍ଦ। ଭୁବନେଶ୍ୱର ଜନପଥରେ ଥିବା ଗହଣା ଦୋକାନଗୁଡ଼ିକରେ କିଛି ଏଭଳି ଦୃଶ୍ୟ ଥିଲା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ର୍ୟାଲି ପାଇଁ ଅପରାହ୍ନରେ ଜନପଥକୁ ବନ୍ଦ କରିଦିଆଯିବ ବୋଲି ପୂର୍ବରୁ ଘୋଷଣା ହୋଇଥିବାରୁ ଗ୍ରାହକମାନେ ସକାଳୁ ସକାଳୁ ସୁନା ଦୋକାନଗୁଡ଼ିକରେ ଭିଡ଼ ଲଗାଇଥିଲେ। ସବୁ ସୋ'ରୁମ୍‌ରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସେମାନେ ସୁନା ହାରଠାରୁ ଆରମ୍ଭ କରି ଚୁଡ଼ି, ଚେନ୍, ମୁଦି, କାନଫୁଲ ଆଦି କିଣି ଘରକୁ ନେଇଥିଲେ। ଗୋଟିଏ ଦିନରେ ପ୍ରାୟ ଅଢ଼େଇ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଛି ଯାହାର ମୂଲ୍ୟ ୧୭୫ କୋଟି ଟଙ୍କାରୁ ଅଧିକ। ଉପରବେଳାର କାରବାର ପ୍ରଭାବିତ ହେବା ସତ୍ତ୍ୱେ ଗତବର୍ଷ ତୁଳନାରେ ଚଳିତ ବର୍ଷ ଅକ୍ଷୟ ତୃତୀୟାରେ ଅଧିକ ସୁନା ବିକ୍ରି ହୋଇଛି। ଗତବର୍ଷ ଅକ୍ଷୟ ତୃତୀୟାରେ ୧୫୦ କୋଟି ଟଙ୍କାର କାରବାର ହୋଇଥିଲା।
ଅକ୍ଷୟ ତୃତୀୟା କାରବାର ସମ୍ପର୍କରେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି ଯେ ଜନପଥ ଷ୍ଟୋରରେ ଅଧାଦିନ କାରବାର ହୋଇଥିଲେ ମଧ୍ୟ ଗତବର୍ଷ ଭଳି ବେପାର ହୋଇଛି। ସବୁ ଅଞ୍ଚଳକୁ ବିଚାରକୁ ନେଲେ ବିକ୍ରିରେ ୨୦ ପ୍ରତିଶତ ବୃଦ୍ଧି ହୋଇଥିବା ଆଶା କରାଯାଉଛି। ଲୋକମାନେ ବିବାହ ଲାଗି ଆବଶ୍ୟକ ହାର, କାନଫୁଲ, ଚୁଡ଼ି ଓ ଚେନ୍ ଆଦି ଅଧିକ କିଣିଛନ୍ତି। ସୋ'ରୁମ୍‌ରେ ପ୍ରବେଶ କରିଥିବା ଗ୍ରାହକଙ୍କ ମଧ୍ୟରୁ ୬୦ ପ୍ରତିଶତ ଅନ୍-ସ୍ପଟ୍ ସୁନା କିଣିଥିବା ବେଳେ ୪୦ ପ୍ରତିଶତ ଗ୍ରାହକ ଅଗ୍ରିମ ବୁକିଂ କରିଥିଲେ। ସେମାନେ ନିଜ ଗହଣା ନେବାକୁ ଆସିଥିଲେ। ବିକ୍ରି ହୋଇଥିବା ଗହଣାଗୁଡ଼ିକ ମଧ୍ୟରୁ ୯୦ ପ୍ରତିଶତ ସୁନା ହୋଇଥିବା ବେଳେ ୧୦ ପ୍ରତିଶତ ହେଉଛି ହୀରା ଓ ଅନ୍ୟାନ୍ୟ ଗହଣା। ହୀରାରେ ଗ୍ରାହକମାନେ ନେକ୍‌ଲେସ୍, କାନଫୁଲ ଓ ମୁଦି ଆଦି କିଣିଛନ୍ତି ବୋଲି ସେ କହିଛନ୍ତି। ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି ଯେ ଦରବୃଦ୍ଧି ସତ୍ତ୍ୱେ ଅକ୍ଷୟ ତୃତୀୟାରେ ସୁନା କିଣିବା ଲାଗି ଲୋକମାନଙ୍କ ଭିତରେ ଉତ୍ସାହ ରହିଥିଲା। ହୀରା ଓ ରୂପା ସାମଗ୍ରୀର ମଧ୍ୟ ବେଶ୍ ଚାହିଦା ରହିଛି। ସୁନା ଅଧିକ ଲାଭ ପ୍ରଦାନ କରୁଥିବାରୁ ଗ୍ରାହକମାନେ ଓଜନିଆ ଗହଣା କିଣିବାକୁ ପସନ୍ଦ କରିଛନ୍ତି। ଗତବର୍ଷ ଯେଉଁମାନେ ସୁନାରେ ନିବେଶ କରିଥିଲେ ସେମାନେ ୨୦-୨୫ ପ୍ରତିଶତ ପର୍ଯ୍ୟନ୍ତ ରିଟର୍ଣ୍ଣ ପାଇଛନ୍ତି। ଖିମ୍‌ଜୀର ବିଭିନ୍ନ ଷ୍ଟୋରରେ ଅଧିକ ଗ୍ରାହକ ପ୍ରବେଶ କରିବା ସହ କିଣାକିଣି କରିଥିଲେ। ଗତବର୍ଷ ତୁଳନାରେ ବିକ୍ରି ୧୨-୧୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିବା ନେଇ ଆମେ ଆଶା କରୁଛୁ। ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ପ୍ରାୟ ୮୫୦ ଟଙ୍କା ବୃଦ୍ଧି ପାଇ ୬୭ ହଜାର ଟଙ୍କା ରହିଛି। ଗତବର୍ଷ ଅକ୍ଷୟ ତୃତୀୟ ଦିନ ସୁନା ଦାମ୍ ୫୫ ହଜାର ୭୦୦ ଟଙ୍କା ଥିଲା। ବର୍ଷକ ଭିତରେ ସୁନା ଦାମ୍‌ରେ ୧୦ ହଜାର ଟଙ୍କାର ବୃଦ୍ଧି ହୋଇଥିଲେ ମଧ୍ୟ କିଣାକିଣିକୁ ତାହା ବିଶେଷ ପ୍ରଭାବିତ କରିପାରିନାହିଁ। ଗ୍ରାହକମାନେ ସୁନା ମୁଦି, ଚେନ୍, କାନଫୁଲ, ଚୁଡ଼ି, ମଙ୍ଗଳସୂତ୍ର ଆଦି କିଣିଛନ୍ତି। ପୁରୁଷ ଗହଣାରେ ଚେନ୍, ମୁଦି ଓ ବ୍ରେସ୍‌ଲେଟ୍ ଅଧିକ ବିକ୍ରି ହୋଇଛି। ଗ୍ରାହକମାନେ ୫୦ ହଜାର ଟଙ୍କାରୁ ଆରମ୍ଭ କରି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତର ସୁନା କିଣିଛନ୍ତି। ତନିସ୍କର ଏବିଏମ୍ ଅରିନ୍ଦମ ପ୍ରାମାଣିକ କହିଛନ୍ତି, ଗତବର୍ଷ ତୁଳନାରେ ଏବର୍ଷ ଢେର ଅଧିକ ଗ୍ରାହକ ଆସି କିଣାକିଣି କରିଛନ୍ତି। ସୁନା ଗହଣା ଅଧିକ ବିକ୍ରି ହୋଇଛି। କଟକଣା ପାଇଁ ଅପରାହ୍ଣରେ କାରବାର ପ୍ରଭାବିତ ହୋଇଛି ବୋଲି ସେ ମତ ଦେଇଛନ୍ତି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସର ମାର୍କେଟିଂ ମୁଖ୍ୟ ସିଦ୍ଧେଶ୍ୱର ରଥ କହିଛନ୍ତି ଯେ ଅଧାଦିନ କାରବାର ହୋଇଥିଲେ ମଧ୍ୟ ସେହି ସମୟ ଭିତରେ ଗତବର୍ଷର ୮୦ ପ୍ରତିଶତ କାରବାର ହୋଇଛି। ସନ୍ଧ୍ୟା ସମୟ ସୋ'ରୁମ୍ ଖୋଲାଥିଲେ ଆହୁରି ଅଧିକ ବେପାର ହୋଇଥାନ୍ତା। ମୋଟ ଉପରେ ବହୁତ ଭଲ କାରବାର ହୋଇଛି। ସେହିପରି ଜୟଆଲୁକ୍କାସର ଶାଖା ମୁଖ୍ୟ ସୁଭାଷ ଏମ୍ କହିଛନ୍ତି ଯେ ଦିନ ବେଳା ଭଲ କାରବାର ହୋଇଛି। ଗତବର୍ଷ ଅକ୍ଷୟ ତୃତୀୟାଠାରୁ ଭଲ କାରବାର ହୋଇଛି। ଶନିବାର ଓ ରବିବାର ଅଫରର ଅବଧି ରହୁଥିବା ବେଳେ ଗ୍ରାହକମାନେ ସେହି ଦୁଇଦିନ ମଧ୍ୟ କିଣାକିଣି କରିବେ ବୋଲି ସୁନା ବ୍ୟବସାୟୀମାନେ ଆଶା ପ୍ରକଟ କରିଛନ୍ତି।

**ଏବେ ବଜାରରେ ଉପଲବ୍ଧ...**
**'କଥାକଳିକା'ର ମେ' ମାସ ସଂଖ୍ୟା, ୨୦୨୪**




**ଏଥର ସଂଖ୍ୟାରେ...**
**ସ୍ମରଣୀୟ କଥା :** ବରଦା ପ୍ରସନ୍ନ ଦାସ
**ସମକାଳର କଥା :** ପୁଷ୍ପାଞ୍ଜଳି କର, ଶଶିଭୂଷଣ ମହାନ୍ତି, ପ୍ରଭାତ ସିହ୍ନା, ବିଜନବାଳା ପାଟଯୋଶୀ, ଗଙ୍ଗାଧର ବିଶ୍ୱାଳ, ସନ୍ତୋଷୀ ସ୍ୱାଇଁ।
**ଅନ୍ୟଭାଷାର କଥା :** ସାରଦା ରଥ।
**ଯୁବ ମାନସର କଥା :** କ୍ଷୀରୋଦ ବିହାରୀ ବିଶ୍ୱାଳ, କିରଣ ମିଶ୍ର, ଦୀପକ କୁମାର ମହାନ୍ତି, ରଜନୀକାନ୍ତ ମିଶ୍ର, ବିଧ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)